ସକାଳ
THE SAKALA



# କାଳବୈଶାଖୀରେ ଉଡ଼ିଲା ଘର, ଭାଙ୍ଗିଲା ଗଛ



ବନ୍ଧୁଗାଁ,୨୨।୫(ସମିସ): ବନ୍ଧୁଗାଁ ବ୍ଲକରେ ଆଜି କାଳବୈଶାଖୀ ପ୍ରଭାବରେ ସାମାନ୍ୟ ବର୍ଷା ସହ ପ୍ରବଳ ପବନ ହୋଇ ଅନେକ ସ୍ଥାନରେ ଘରଦ୍ୱାର ଉଡାଇବା ଦେଇଛି। ମଧ୍ୟାହ୍ନରେ ହଠାତ ଆକାଶ ମେଘାଚ୍ଛନ୍ନ ହୋଇ କାଳବୈଶାଖୀ ପବନ ବହି ଥିଲା। ପୁଣି ଘଡ଼ଘଡ଼ି ବିଜୁଳି ସହ କାଳବୈଶାଖୀ ଜନିତ ବର୍ଷା ଆରମ୍ଭ ହୋଇ ପ୍ରାୟ ଏକ ଘଣ୍ଟା ଧରି ଚାଲିଥିଲା। ସୂଚନା ଅନୁଯାୟୀ କାଳବୈଶାଖୀ ବର୍ଷା ହେବାରୁ ବନ୍ଧୁଗାଁରୁ ପାର୍ବତୀପୁରମ ଓ ରାୟଗଡ଼ା ଜିଲ୍ଲାକୁ ସଂଯୋଗ କରୁଥିବା ରାସ୍ତାରେ ଗଛ ଡାଳ ଭାଙ୍ଗି ରାସ୍ତା ଅବରୋଧ ହୋଇଯାଇଛି। ପୁଣି ଏଲଙ୍ଗାବାଲସା ଗ୍ରାମର ତିନୋଟି ଟାଇଲ ଛପର ଘର ଉଡ଼ାଇ ଦେବାରୁ ଖାଦ୍ୟ ସାମଗ୍ରୀ ନଷ୍ଟ ହୋଇ ଯାଇଛି ଏବଂ ଅଳ୍ପକେ ଛୋଟ ଛୋଟ ପିଲାଙ୍କ ଜୀବନ ବଞ୍ଚି ଯାଇଛନ୍ତି। ସାନମାଥୁର କଲୋନିର କିଛି ଆଜବେଷ୍ଟ ଓ ଟିଣ ଛପର ଘର ଉଡ଼ାଇ ଦେଇଛି। ବନ୍ଧୁଗାଁ ପଞ୍ଚାୟତର କିଛି ଗାଁରୁ ମଧ୍ୟ ଚାଳଛପର ଘର ଗୁଡିକ ଉଡ଼ାଇ ଦେଇଛି। ପ୍ରବଳ ଗରମ ହେଉଥିବା ବେଳେ ଲୋକେ ଗରମରୁ ଆଶ୍ୱସ୍ତି ପାଇବା ପାଇଁ ଘର ବାହାରି ରାସ୍ତା ଉପରେ ବୁଲୁଥିବା ଦେଖିବାକୁ ମିଳିଛି। ରାତ୍ର ହୋଇ ଥିବାରୁ କେଉଁ କେଉଁ ଗ୍ରାମରେ ଜଣ ସବୁ କ୍ଷୟକ୍ଷତି ହୋଇଛି ଆସନ୍ତା କାଲି ଜାଣିବାକୁ ମିଳିବ।

# ପୌରାଞ୍ଚଳରେ ଉନ୍ନତିକରଣ କାର୍ଯ୍ୟର ଶିଳାନ୍ୟାସ



ନବରଙ୍ଗପୁର,୨୨।୫(ସମିସ): ନବରଙ୍ଗପୁର ପୌରାଞ୍ଚଳର ବ୍ୟାପକ ବିକାଶ ପାଇଁ ନବରଙ୍ଗପୁର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ଗୌରୀ ଶଙ୍କର ମାଝୀଙ୍କ ଆଜି ମୋଟ ୬୫ ଲକ୍ଷ ଅଟକଳ ମୂଲ୍ୟରେ ୧୦ ଗୋଟି ଉନ୍ନତିକରଣ କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି। ବିଧାୟକ ପ୍ରଥମେ ଚାମୁରିଆଗୁଡା ସ୍ଥିତ ସତସଙ୍ଗ ବିହାର କମ୍ୟୁନିଟି ହଲ ପାଇଁ ଶିଳା ନ୍ୟାସ କରିଥିଲେ। ପରେ ଭଗବତୀ ସାହି ସ୍ଥିତ ଚାପୀଡ଼ି ପିଠାର ଉନ୍ନତିକରଣ ପାଇଁ ୬ ଲକ୍ଷ ଟଙ୍କା ଅଟକଳ କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ସେହିପରି ୱାର୍ଡ ନଂ ୧୦ କେଉଟ ସାହି ସ୍ଥିତ ରାଧାକୃଷ୍ଣ ମନ୍ଦିର, ଭବାନୀ କ୍ଲବ ଓ ଗୋରାମୁଣ୍ଡା ସ୍ଥିତ ଦିବ୍ୟ ଦର୍ଶନ ଜ୍ଞାନ ମନ୍ଦିର ଉନ୍ନତି କରଣ ପାଇଁ ମୋଟ ୧୮ ଲକ୍ଷ ଅଟକଳ କାର୍ଯ୍ୟର ଶୁଭ ଶିଳା ନ୍ୟାସ କରିଥିଲେ। ୱାର୍ଡ ନଂ ୧୧ ଗୌଡ଼ ସାହି ଗଣେଶ ମଣ୍ଡପ, ୱାର୍ଡ ନଂ ୧୨ ପି ଏଚ ଡି ଅଫିସ ନିକଟ ଶିବ ମନ୍ଦିର, ୧୫ ନଂ ୱାର୍ଡ ଟାପା କାରିଆ ଗୁଡା ସ୍ଥିତ ଭତରା ଭବନ ଓ ୱାର୍ଡ ନଂ ୧୬ ସ୍ଥିତ ଆର୍ଯ୍ୟ ବୈଶ୍ୟ ସଙ୍ଘ କମ୍ୟୁନିଟି ହଲ, ସୀତାରାମ ଡଙ୍ଗରି ଘର ନିକଟ ଠାକୁରାଣୀ ମନ୍ଦିର ଉନ୍ନତିକରଣ କାର୍ଯ୍ୟର ଶୁଭ ଶିଳାନ୍ୟାସ କରିଥିଲେ କ୍ଷ ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ ଗୌରୀ ଶଙ୍କର ମାଝୀଙ୍କ ସହ ପୌର ଅଧକ୍ଷ କୁନୁ ନାୟକ, କାଉନସିଲର ଏ. ସତୀଶ, ଶର୍ମିଷ୍ଠା ଦେଓ, ଅମିତ ପ୍ରଧାନ, ସୋମେଶ ଖରା, ପୁନମ ସାହୁ, ନଗର ମଣ୍ଡଳ ସଭାପତି ପିଣ୍ଟୁ ମିଶ୍ର, ବରିଷ୍ଠ ନେତା ଦେବଦାସ ମାହାଙ୍କୁଡ, ଅଚ୍ୟୁତାନନ୍ଦ ବିଷୋୟୀ, ସୁରେଶ ଶାସ୍ତ୍ରୀ, ମୃତଞ୍ଜୟ ଦାଶ, ଶ୍ରୀଧର ପାତ୍ର, ମଧୁ ଗାଦବା, ସଞ୍ଜୟ ସାହୁ ପ୍ରମୁଖଙ୍କ ସହ ଆଇଟିଡିଏର ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ବିଜେଡିର 'ନାରୀ ଅଧିକାର ଅଭିଯାନ' କାର୍ଯ୍ୟକ୍ରମ



କାଳିମେଳା,୨୨।୫(ସମିସ): ମାଲକାନଗିରି ଜିଲ୍ଲା ବିଜୁ ମହିଳା ଜନତା ଦଳ ତରଫରୁ କାଳିମେଳା ବ୍ଲକ ସଦର ସ୍ଥିତ ହାଟପଦା ଠାରେ ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲା ବିଜୁ ମହିଳା ସଭାନେତ୍ରୀ ସମାରି ତାଙ୍ଗୁଲଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦ ସଭାରେ ବିଜେପି ସରକାର ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେବାରେ ବିଫଳ ହୋଇଥିବା ସହ ନାରୀ ନିର୍ଯାତନା ରୋକିବାରେ ଅସମର୍ଥ ବୋଲି ବିଜେଡି ନେତାମାନେ ଅଭିଯୋଗ କରିଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ବିଜେଡି ସଭାପତି ଓ ପୂର୍ବତନ ବିଧାୟକ ମାନସ ମାଡକାମୀ ଏବଂ ରାଜ୍ୟ ସମ୍ପାଦକ ଦୁର୍ଗା ତ୍ରିପାଠୀ ଯୋଗଦେଇ କେନ୍ଦ୍ର ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ଏହାସହ ଲୋକସଭା ଓ ବିଧାନସଭାରେ ତୁରନ୍ତ ୩୩ ପ୍ରତିଶତ ମହିଳା ସଂରକ୍ଷଣ ଲାଗୁ କରିବା ଓ ରାଜ୍ୟରେ ବଢୁଥିବା ନାରୀ ନିର୍ଯ୍ୟାତନା ଉପରେ କଡ଼ା ପଦକ୍ଷେପ ନେବା ଦାବି କରାଯାଇଥିଲା। ପରେ କାଳିମେଳା ବିଡିଓଙ୍କ ଜରିଆରେ ଭାରତର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷ୍ୟା ସମାରି ତାଙ୍ଗୁଲ, ବିଜେଡି ନେତା କଣ୍ଟେସ ପୋଟଲା, କେ ରାହୁଲ ରାଓ, ସର୍ବ କୁମାର ବିଶୋଇଙ୍କ ସହ ବହୁ ବିଜେଡି ମହିଳା ନେତ୍ରୀ, ଜିଲ୍ଲା ପରିଷଦ ସଦସ୍ୟା ଓ ବରିଷ୍ଠ ନେତାମାନେ ଯୋଗଦେଇଥିଲେ।

# ରାଜ୍ୟରାଣୀ ଟ୍ରେନ୍‌ରେ ନିଶା ଦେଇ ଲୁଟ୍, ଯୁବକ ଗୁରୁତର

ଗୁଣପୁର,୨୨।୫(ସମିସ): ଗୁଣୁପୁର-ରାଉରକେଲା ରାଜ୍ୟରାଣୀ ଟ୍ରେନ୍‌ରେ ଯାତ୍ରା କରୁଥିବା ବେଳେ ଜଣେ ଯାତ୍ରୀଙ୍କୁ ନିଶାଦ୍ରବ୍ୟ ଦେଇ ଲୁଟ୍ କରାଯାଇଛି। ରାୟଗଡା ଜିଲ୍ଲା ଗୁଣପୁର ସହର ନୀଳାଦ୍ରିବିହାର ଲେନ୍ ୪ର ବାସିନ୍ଦା ନାରାୟଣ ଦାସ ଏହି ଲୁଟ୍ ର ଶିକାର ହୋଇଥିବା ଜଣାପଡ଼ିଛି। ବ୍ୟକ୍ତିଗତ କାମରେ ବ୍ରହ୍ମପୁର ଯାଇଥିବା ନାରାୟଣ କାମ ସାରି ରାଜ୍ୟରାଣୀ ଟ୍ରେନ୍ ଯୋଗେ ଗୁଣପୁରକୁ ଫେରୁଥିବା ବେଳେ ଟ୍ରେନ୍ ମଧ୍ୟରେ କିଛି ଦୁର୍ବୃତ୍ତ ନାରାୟଣଙ୍କ ସହ ବନ୍ଧୁତା ସୃଷ୍ଟି କରି ପରେ କୌଶଳକ୍ରମେ ତାଙ୍କୁ ନିଶାଦ୍ରବ୍ୟ ଦେଇଥିବା ସନ୍ଦେହ କରାଯାଉଛି। ନିଶା ପ୍ରଭାବରେ ନାରାୟଣ ଅଚେତ ହୋଇପଡ଼ିଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କ ଗଳାର ସୁନା ଚେନ୍, ଗୋଟିଏ ମୁଦି, କିଛି ନଗଦ ଟଙ୍କା ଓ ମୋବାଇଲ୍ ଫୋନ୍ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଲୁଟ୍ ପରେ ନାରାୟଣ ଟ୍ରେନ୍‌ର ଏକ ଜେନେରାଲ୍ ବଗିରେ ଅଚେତ ଅବସ୍ଥାରେ ପଡ଼ି ରହିଥିଲେ। ଅନ୍ୟପଟେ, ନାରାୟଣ ଘରକୁ ଫେରୁଥିବା କଥା ପୂର୍ବରୁ ତାଙ୍କ ଭାଇ ଧ୍ରୁବ ଚରଣ ଦାସଙ୍କୁ ଜଣାଇଥିଲେ। ଭାଇଙ୍କୁ ନେବା ପାଇଁ ଧ୍ରୁବ ଚରଣ ଗୁଣପୁର ରେଳ ଷ୍ଟେସନ୍‌ରେ ଅପେକ୍ଷା କରିଥିଲେ। ଟ୍ରେନ୍ ଆସିବା ପରେ ସମସ୍ତ ଯାତ୍ରୀ ଓହ୍ଲାଇ ଯାଇଥିଲେ ମଧ୍ୟ ନାରାୟଣ ବାହାରି ନଥିବାରୁ ସେ ଚିନ୍ତିତ ହୋଇ ଖୋଜାଖୋଜି କରିଥିଲେ। ପରେ ଟ୍ରେନ୍‌ର ଏକ ଜେନେରାଲ୍ ବଗିରେ ନାରାୟଣଙ୍କୁ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରି ଗୁଣପୁର ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟକୁ ନିଆଯାଇଥିଲା। ତେବେ ସ୍ୱାସ୍ଥ୍ୟାବସ୍ଥାରେ ବିଶେଷ ସୁଧାର ନଆସିବାରୁ ତାଙ୍କୁ ପରବର୍ତ୍ତୀ ସମୟରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ରେଳୱେ ଜିଆରପି ପୋଲିସ୍ ନିକଟରେ ଅଭିଯୋଗ ହୋଇଥିବା ବେଳେ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି।



# ଗିରଫ ହେଲେ କୋଟିପତି ସହକାରୀ ଯନ୍ତ୍ରୀ ମଳୟ ନାୟକ

ରାୟଗଡ,୨୨।୫(ସମିସ): ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଗୁରୁବାର ଦିନ ରାୟଗଡା ଜିଲ୍ଲା କୋଲନରା ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ମଳୟ କୁମାର ନାୟକଙ୍କ ରାୟଗଡା ସହର ସ୍ଥିତ ରଇତ କଲୋନୀ ସ୍ଥିତ ଭଡା ଘର, କୋଲନରା କାର୍ଯ୍ୟାଳୟ ଚାମ୍ବର ସମେତ ଜଡିତ ୭ଟି ସ୍ଥାନରେ ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ତଲାସି ଆରମ୍ଭ କରାଯାଇଥିଲା। ଭିଜିଲାନ୍ସ ତଦନ୍ତ ସମୟରେ ସହକାରୀ ଯନ୍ତ୍ରୀ ଶ୍ରୀ ନାୟକଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତିର ୧୦୧ ପ୍ରତିଶତ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ କରିଥିବା ଆକଳନରେ ଜଣାପଡିବା ପରେ ଆଜି ଓଡିଶା ଭିଜିଲାନ୍ସ ତାଙ୍କୁ ଗିରଫ କରି କୋର୍ଟ ଚଲାଣ କରିଛି। ଏ ନେଇ ଓଡିଶା ଭିଜିଲାନ୍ସ ପକ୍ଷରୁ ପ୍ରେସ ବିବୃତି ମାଧ୍ୟମରେ ଜଣାଯାଇଛି । ଗତକାଲି ଓଡ଼ିଶା ଭିଜିଲାନ୍ସ ଦ୍ୱାରା ୫ ଜଣ ଡିଏସପି , ୬ ଜଣ ଇନ୍ସପେକ୍ଟର ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ଗଞ୍ଜାମ



ଏବଂ ରାୟଗଡ଼ା ଜିଲ୍ଲାର ୭ଟି ସ୍ଥାନରେ ଏକକାଳୀନ ତଲାସି କରାଯାଇଥିଲା। ଘର ତଲାସି ସମୟରେ ବ୍ରହ୍ମପୁରର ଲୋଚାପଡ଼ାର ସୌନ୍ଦର୍ଯ୍ୟ ନଗରରେ ପ୍ରାୟ ୪ହଜାର ବର୍ଗଫୁଟ ପରିମିତ ଏକ ତିନି ମହଲା କୋଠା, ଗଞ୍ଜାମର ଜଗନ୍ନାଥ ପ୍ରସାଦର ଥୋଲଣ୍ଡା ବଡ଼ଦାଣ୍ଡ ସାହିରେ ଗୋଟିଏ ତିନି ମହଲା କୋଠା, ୪ଟି ଉଚ୍ଚ ମୂଲ୍ୟର ପ୍ଲଟ୍ (ବ୍ରହ୍ମପୁରରେ ୩ଟି ଏବଂ ଭଞ୍ଜନଗର ସହରରେ ଗୋଟିଏ), ସୁନା ଅଳଙ୍କାର ୩୫୧.୧୪ ଗ୍ରାମ ସହ ୨୬,୯୯,୯୫୨ ଲକ୍ଷ ଟଙ୍କା ମୂଲ୍ୟର ବ୍ୟାଙ୍କ ଏବଂ ଡାକ ଜମା ଏବଂ ଗୋଟିଏ ଚାରି ଚକିଆ ଗାଡ଼ି (ମାରୁତି ବାଲେନୋ) ଓ ୨ଟି ଦୁଇ ଚକିଆ ଗାଡ଼ି ସହ ପ୍ରାୟ ୮.୫୬ ଲକ୍ଷ ଟଙ୍କା ମୂଲ୍ୟର ଘରୋଇ ସାମଗ୍ରୀ ଜବତ କରିଛି ଭିଜିଲାନ୍ସ କ୍ସ ଆୟ ବହିର୍ଭୁତ ସମ୍ପତି ଠାବ କରାଯିବା ପରେ ତାଙ୍କୁ ବ୍ରହ୍ମପୁର ଭିଜିଲାନ୍ସର ମାନ୍ୟବର ସ୍ୱତନ୍ତ୍ର ବିଚାରପତିଙ୍କ କୋର୍ଟକୁ ପଠାଯାଇଛି। ଏହି ମାମଲାର ତଦନ୍ତ ଜାରି ରହିଛି ବୋଲି ଓଡିଶା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି

# ବେକରେ ଗାମୁଛା ଦେଇ ଯୁବକଙ୍କ ଆତ୍ମହତ୍ୟା

ଜୟପୁର,୨୨।୫(ସମିସ): ଜୟପୁର ସଦରଥାନା ଅନ୍ତର୍ଗତ ଟାଙ୍କୁଆ ଗ୍ରାମପଞ୍ଚାୟତର ଜଣେ ଯୁବକ ଶଙ୍କର ପରଜା(୨୩) ବେକରେ ଗାମୁଛା ଦେଇ ଆତ୍ମହତ୍ୟା କରିଛନ୍ତି। ପୁଲିସ ସୂଚନା ଅନୁଯାୟୀ ମୃତଙ୍କ ପିତା ମନୁ ପରଜା ଲିଖିତ ଅଭିଯୋଗ କରିଛନ୍ତି ଯେ ଗତକାଲି ରାତିରେ ପ୍ରତିଦିନ ଭଳି ତାଙ୍କ ବଡପୁଅ ଘରେ ଖାଇ ଶୋଇଥିଲା। ଭୋର ୪ଟା ସମୟରେ ମନୁ ଗାଧୋଇବା ପାଇଁ ଉଠିବା ବେଳକୁ ତାଙ୍କ ପୁଅ ବେକରେ ଗାମୁଛା ବାନ୍ଧି ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଲେ। ବଞ୍ଚିଥିବା ସନ୍ଦେହ କରି ଝୁଲନ୍ତା ଶବକୁ ଉଦ୍ଧାର କରି ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# +୨ ପାସ୍ କରି ପ୍ରେରଣା ପାଲଟିଲେ ପ୍ରଦୀପ



ମାଲକାନଗିରି, ୨୨।୫(ସମିସ): ଦୃଢ଼ ଇଚ୍ଛାଶକ୍ତି ଥିଲେ କୌଣସି ବି ପ୍ରତିବନ୍ଧକ ସଫଳତାର ବାଟ ଅଟକାଇ ପାରେନି। ଏହାକୁ ସତ୍ୟ ପ୍ରମାଣ କରିଛନ୍ତି ମାଲକାନଗିରିର ପ୍ରଦୀପ ଖିଲ। ୬୦ ପ୍ରତିଶତ ଦିବ୍ୟାଙ୍ଗ ହୋଇଥିଲେ ମଧ୍ୟ ସେ ଚଳିତ ବର୍ଷ +୨ କଳା ପରୀକ୍ଷାରେ ୨୮୫ ନମ୍ବର ରଖି ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଦୀପ ପିଲାଦିନରୁ ଲୋକୋମୋଟର ଡିଜାବିଲିଟିରେ ପୀଡ଼ିତ। ସେ ଭଲଭାବେ ଚାଲି କିମ୍ବା ସ୍ପଷ୍ଟ କଥା କହି ପାରୁନାହାନ୍ତି। ହାତରେ ଶକ୍ତି ନଥିବାରୁ ନିଜେ ଲେଖିବାରେ ମଧ୍ୟ ଅସମର୍ଥ। ତଥାପି ପଢ଼ିବା ପ୍ରତି ତାଙ୍କ ଆଗ୍ରହ କେବେ କମିନଥିଲା। ଦୁଇଥର ଦଶମ ପରୀକ୍ଷାରେ ବିଫଳ ହେବା ପରେ ମଧ ସେ ଭାଙ୍ଗି ପଡ଼ିନଥିଲେ। ପରିବାର ଓ ଶିକ୍ଷକଙ୍କ ପ୍ରେରଣାରେ ପୁଣିଥରେ ନୂଆ ସଂକଳ୍ପ ନେଇ ପଢ଼ା ଜାରି ରଖିଥିଲେ। ବାଲିମେଳା ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟରେ ଅଧ୍ୟୟନରତ ପ୍ରଦୀପଙ୍କୁ ପରୀକ୍ଷା ସମୟରେ କଲେଜ ପକ୍ଷରୁ ଜଣେ ସହଯୋଗୀ ଯୋଗାଇ ଦିଆଯାଇଥିଲା। ତାଙ୍କ ସଫଳତା ପରେ ପରିବାର ଓ ଅଞ୍ଚଳରେ ଖୁସିର ମାହୋଲ ଦେଖିବାକୁ ମିଳିଛି। ସଫେଇ କର୍ମଚାରୀ ଭାବେ କାମ କରୁଥିବା ବାପା ଧନିରାମ ଖିଲ ଓ ମାଆ କୁନି ଖିଲଙ୍କ ସଂଘର୍ଷ ମଧ୍ୟରେ ପ୍ରଦୀପଙ୍କ ଏହି ସଫଳତା ଆଜି ଅନେକ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣା ପାଲଟିଛି।

# କନ୍ଧମାଳରେ ଯୁବ କଂଗ୍ରେସର ପଦଯାତ୍ରା

## ଯୋଗଦେଲେ ଜାତୀୟ ଯୁବ କଂଗ୍ରେସ ସଭାପତି ଉଦୟଭାନ୍ ଚିବ୍

ରାୟଗଡ ,୨୨।୫(ସମିସ): ରାୟଗଡ ଜିଲ୍ଲା କାଶୀପୁର ବ୍ଲକର ସିଜିମାଳି ଓ ତିଜିମାଳି ଖଣି ଅଞ୍ଚଳର କଣ୍ଟାମାଳ ଗ୍ରାମରେ ଜନ ସଂଘର୍ଷ ପଦଯାତ୍ରା ଆରମ୍ଭ କରିଛି ଓଡିଶା ପ୍ରଦେଶ ଯୁବ କଂଗ୍ରେସ। ଜାତୀୟ ଯୁବ କଂଗ୍ରେସ ସଭାପତି ଉଦୟଭାନ୍ ଚିବ୍‌ଙ୍କ ନେତୃତ୍ୱରେ ଜଳ, ଜମି, ଜଙ୍ଗଲ ଓ ସିଜିମାଳି ଆଦିବାସୀଙ୍କ ଅଧିକାରକୁ ନେଇ ଶୁକ୍ରବାର ୨୨ ତାରିଖ ଦିନ କଣ୍ଟାମାଳ ଠାରୁ ରାୟଗଡ ପର୍ଯ୍ୟନ୍ତ ଆରମ୍ଭ ହୋଇଛି ଏହି ଜନ ସଂଘର୍ଷ ଯାତ୍ରା। ଯୁବ କଂଗ୍ରେସର ଏହି ପଦଯାତ୍ରା ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଉଦୟଭାନ୍ ସୂଚନା ଦେଇଛନ୍ତି। ତେବେ ଏହି ପଦଯାତ୍ରାରେ ଜିଲ୍ଲା କଂଗ୍ରେସ ଟିମ୍‌ର କୌଣସି ସଦସ୍ୟ ନ ଥିବା ବେଳେ ରାଜଗାଙ୍ଗପୁର ବିଧାୟକ ସି.ଏସ.ରାଜେନ ଏକ୍କା ଯୋଗ ଦେଇଥିଲେ। ଏହି ପଦଯାତ୍ରା କଂଟାମାଳ, ବନ୍ତେଜି, ବଣ୍ଡେଲ, ଶାଗବାରି ଆଦି ଗ୍ରାମରେ ପଦଯାତ୍ରା ଜାରି ରଖିବ ଏବଂ ସେଠାକାର ଅଧିବାସୀଙ୍କୁ ନ୍ୟାୟ ଦାବିରେ ସ୍ୱର ଉଠାଇବ ବୋଲି ଉଦୟଭାନ୍ କହିଛନ୍ତି। ଏହି ପଦଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ଅଞ୍ଚଳବାସୀଙ୍କ ସମେତ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ରାଜ୍ୟ ଯୁବ କଂଗ୍ରେସ ପ୍ରଭାରୀ ମହେଶ ଦେଶମୁଖ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ମୋହନ ନାଏକ, ଉପ ସଭାପତି ଅଶୋକ ପୁଆଲା, ଯୁବ ନେତା ଭବାନୀ ଶଙ୍କର ଜେନା, ଉତ୍ତରପ୍ରଦେଶର ଯୁବ କଂଗ୍ରେସ ସଭାପତି ଓ ଅନ୍ୟମାନେ ଉପସ୍ଥିତ ଥିଲେ। ତେବେ ଜିଲ୍ଲା କଂଗ୍ରେସ ସଭାପତି ତଥା ରାୟଗଡ ବିଧାୟକ



ଆପଲସ୍ୱାମୀ କାଡ୍ରାକା, ବିଷମକଟକ ବିଧାୟକ ନୀଳମାଧବ ହିକକା, ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗଙ୍କ ସମେତ କୋରାପୁଟ ଏମପି ସପ୍ତଗିରି ଶଙ୍କର ଉଲାକାଙ୍କ ମଧ୍ୟରୁ କେହି ମଧ୍ୟ ଏହି ପଦଯାତ୍ରାରେ ସାମିଲ ହୋଇନଥିବା ଜଣାପଡିଛି। ଅନ୍ୟପଟେ ଜିଲ୍ଲାରେ କଂଗ୍ରେସର କିଛି ନେତା ସେମାନଙ୍କୁ ଯୁବ କଂଗ୍ରେସ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ ବୋଲି କହୁଥିବା ବେଳେ ଆଉ କିଛି ଜିଲ୍ଲା କମିଟିକୁ ନ ପଚାରି ଯୁବ କଂଗ୍ରେସ ନିଜେ ଏହା କରୁଛି ବୋଲି ଆଲୋଚନା କରୁଛନ୍ତି। ଅନ୍ୟପଟେ ପଦଯାତ୍ରାର ଦୁଇଦିନ ପୂର୍ବରୁ କାଶୀପୁର ବ୍ଲକର ବରିଷ୍ଠ କଂଗ୍ରେସ ନେତାମାନେ ଓ ଅଞ୍ଚଳର କିଛି ଗ୍ରାମବାସୀ ରାୟଗଡ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟି ସିଜିମାଳି ଅଞ୍ଚଳରେ ବାହାର ଲୋକ ତଥା ସଂଗଠନକୁ ପଦଯାତ୍ରା ପାଇଁ ଅନୁମତି ପ୍ରଦାନ ନ କରିବାକୁ ଦାବିପତ୍ର ଦେଇଥିଲେ।

# ବଜ୍ରପାତରେ ୯ ଗୋରୁ ମୃତ

ଗୁଣୁପୁର,୨୨।୫(ସମିସ): ରାୟଗଡ଼ ଜିଲ୍ଲା ଗୁଣୁପୁର କୃଷି ବିଭାଗ କାର୍ଯ୍ୟାଳୟ ନିକଟରେ ବର୍ଜାଘାତ ଯୋଗୁଁ ୯ ଗୋଟି ଗାଇଗୋରୁଙ୍କ ମୃତ୍ୟୁ ଘଟିଛି। ମୃତକ ଗୋରୁ ମଧ୍ୟରେ ୪ଟି ଗାଇ, ୨ ଟି ବଳଦ ଓ ୩ ଟି ବାଛୁରି ରହିଛନ୍ତି। ଘଟଣାସ୍ଥଳରେ ପ୍ରାଣୀ ଚିକିତ୍ସା ବିଭାଗ କର୍ମଚାରୀ ମାନେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଗୁରୁତର ଥିବା ଆଉ ଗୋଟିଏ ବାଛୁରିର ଚିକିତ୍ସା କରାଯାଇଛି। ଆଜି ସନ୍ଧ୍ୟାରେ ଗୁଣୁପୁର ସହରରେ କିଛି ସମୟ ଧରି ବିଜୁଳି ଘଡ଼ଘଡି ସହ ବର୍ଷା ହୋଇଥିବା ଯୋଗୁଁ ଏହିଭଳ ଘଟଣା ଘଟିଛି। ରାସ୍ତା ପାଶ୍ୱର୍ରେ ଥିବା ଏକ ଗଛ ମୂଳେ ଗୋରୁ ଆଶ୍ରୟ ନେଇଥିଲେ। ମୃତକ ଗୋରୁର ମାଲିକ ମାନେ ହେଲେ ଅଲେଖ ଗଉଡ, ଲକ୍ଷ୍ମୀକାନ୍ତ ଗଉଡ, ସୁରେଷ ଦଳବେହେରା । ସରକାରି ନିୟମ ଆଧାରରେ ଗାଇ ମାଲିକଙ୍କୁ



କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସକ ଅଧିକାରୀ ସିଦ୍ଧାର୍ଥ ସାବତ କହିଛନ୍ତି।

# ଜଗନ୍ନାଥଙ୍କ ଜମିକୁ ନେଇ ବିବାଦ

ବିଷମ କଟକ,୨୨।୫(ସମିସ): ରାଜ୍ୟ ସରକାର ଦେବୋତ୍ତର ବିଭାଗ ଅଧିନରେ ରହିଥିବା ଧର୍ମାନୁଷ୍ଠାନ ଗୁଡିକର ସମ୍ପତି ଚିହ୍ନଟ ଏବଂ ତାର ସୁରକ୍ଷା କରିବା ଦିଗରେ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଦେବୋତ୍ତର ବିଭାଗ ଅଧିନରେ ରହିଥିବା ପ୍ରତ୍ୟେକ ମନ୍ଦିର ଗୁଡିକର ସ୍ଥାବର ଏବଂ ଅସ୍ଥାବର ସମ୍ପତି ତାଲିକା ଏବଂ ତାର ରକ୍ଷଣାବେକ୍ଷଣ ନିମନ୍ତେ ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଦେଶ ମୁତାବକ ବିଷମ କଟକ ଜଗନ୍ନାଥ ମନ୍ଦିରର ରହିଥିବା ସ୍ଥାବର ସମ୍ପତି ଗୁଡିକର ତାଲିକା ପ୍ରସ୍ତୁତ କରିବା ସହ ଉକ୍ତ ସମ୍ପତି ଗୁଡିକ ନିଜ ଅକ୍ତିଆରକୁ ନେଇ ଉକ୍ତ ଜମି ଗୁଡକର ମରାମତି କାର୍ଯ୍ୟ ଚାଲିଛି। ଏଡି ସମୟରେ ବିଷମ କଟକର ସଚିଦାନ୍ଦ ମାଇହାତି ଉକ୍ତ ଜମି ତାଙ୍କ ପୈତୃକ ସମ୍ପତି ବୋଲି ଦାବି କରି ଜମି ମରାମତି କାର୍ଯ୍ୟକୁ ଅଟକାଇଥିବା ଜଣାପଡ଼ିଛି। ସୂଚନା ଥାଉକି ବିଷମ କଟକ ଜଗନ୍ନାଥ ମନ୍ଦିର ନାମରେ ଖାତା ନଂ ୬୭/୭୩୩ ପ୍ଲଟ ନଂ ୯୯ ଏ.୦.୮୪ ଜମି ରହିଥିବା ରେକର୍ଡ ରହିଛି। ଏହି ଜମି ବିଷମ କଟକର ସ୍ୱର୍ଗତ ରତନା ମାଇହାତି ଶ୍ରୀ ଜଗନ୍ନାଥ ମନ୍ଦିରକୁ ଗତ ୨୦୧୦ ମସିହାରେ ଦାନ ପତ୍ର ଦଲିଲ ସୂତ୍ରରେ ପ୍ରଦାନ କରିଥିଲେ। ଦାନସୂତ୍ର ଦଲିଲ ବଳରେ ଉକ୍ତ ଜମି ଜଗନ୍ନାଥ ମହାପ୍ରଭୂଙ୍କ ଖାତା୍ ଆସିଥିବା ନେଇ ବିଷମ କଟକ ତହସିଲଦାର କେ.ଭେଙ୍କେଟେଶ୍ୱର ରେଡି ପ୍ରକାଶ କରିଛନ୍ତି। ତେବେ ବର୍ତମାନ ଉକ୍ତ ଜମିର ମରାମତି କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ପୂର୍ବ ଖାତାଦାର ସ୍ୱର୍ଗତ ରତନା ମାଇହାତିଙ୍କ ଉତ୍ତରାଧିକାରୀ ସଚିଦାନନ୍ଦ ମାଇହାତି ଉକ୍ତ ଜମି ତାଙ୍କ ନିଜର ବୋଲି ଦାବି କରି ଜମି ମରାମତି କାର୍ଯ୍ୟକୁ ବନ୍ଦ କରିଛନ୍ତି। ଜେଜେମାଁ ଜଗନ୍ନାଥ ମନ୍ଦିର କୁ ଜମି ଦାନ କରି ୧୬ ବର୍ଷ ବିତିଯାଇଥିବା ବେଳେ ନାତି ସଚିଦାନନ୍ଦ ମାଇହାତି ଏହି ଜମି କୁ ଜବର ଦଖଲ କରିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଯେଉଁ ଦିନ ଠାରୁ ଉକ୍ତ ଜମି ମନ୍ଦିର ଖାତାକୁ ଆସିଛି ସେହି ଦିନ ଠାରୁ ଉକ୍ତ ଜମିର ଫସଲ ମନ୍ଦିର କମିଟିକୁ ଆସୁଥିବା କମିଟି ସଦସ୍ୟ ମାନେ ପ୍ରକାଶ କରିଛନ୍ତି। ମନ୍ଦିର ଜମିର ବିବାଦ ଉପୁଜିଥିବା ବେଳେ ଏହାର ନିରପେକ୍ଷ ତଦନ୍ତ କରି ଘଟଣା ର ସତ୍ୟତା ପ୍ରଘଟ କରିବା ପାଇ ବିଷମ କଟକ ବାସୀ ଦାବି କରିଛନ୍ତି।

# କାଳବୈଶାଖୀରେ କ୍ଷୟକ୍ଷତି

ଲକ୍ଷ୍ମୀପୁର,୨୨।୫(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁରରେ ଶୁକ୍ରବାର ସାଢ଼େ ୪ଟା ସମୟରେ ମାଡ଼ି ଆସିଥିଲା ଭୟଙ୍କର କାଳବୈଶାଖୀ। ପବନ ସାଙ୍ଗକୁ ଘଡ଼ଘଡ଼ ଓ ବର୍ଷା ହୋଇଥିଲା। ପ୍ରାୟ ଦୁଇ ଘଣ୍ଟା ଧରି ପବନ ବର୍ଷା ହୋଇଥିଲା। ଗଛ ଡାଳ ଭାଙ୍ଗି ରାଜରାସ୍ତା ଉପରେ ପଡ଼ି ରାସ୍ତା ଅବରୋଧ ହୋଇଥିଲା। ଲକ୍ଷ୍ମୀପୁର ବଜାରରେ ମଧ ଗଛ ପଡ଼ି ରାସ୍ତା ଜାମ୍ ହୋଯାଇଥିଲା। ଗାଡ଼ି ସବୁ ଉଭୟ ପାଶ୍ୱର୍ରେ ଠିଆ ହୋଇଥିଲା। ରେଳବାଇ ଛକ ନିକଟରେ ଥିବା ଏକ ଢାବା ହୋଟେଲର ଟିଣ ଉଡ଼ାଇ ଫିଙ୍ଗି ଦେଇଛି। ସେହିପରି ଆଡିପେଣ୍ଠ ପଞ୍ଚାୟତରେ ମଧ ଅନେକ କ୍ଷୟକ୍ଷତି ହୋଇଛି। କାଳବୈଶାଖୀ ଯୋଗୁଁ ପାୱାର କଟ୍ ଦୀର୍ଘ ସମୟ ଧରି ରହି ଥିଲା। ରାସ୍ତା ଉପରେ ପଡ଼ି ଥିବା ଗଛ ଡାଳ ସବୁ ଓଡ୍ରାଫ୍ ଟିମ୍ ଆସି ସଫା କରି ଯାତାୟାତ ସ୍ୱାଭାବିକ କରିଥିଲେ।

# ବିଜୟୱାଡା ଚାଲାଣ ବେଳେ ଉଦ୍ଧାର ହେଲେ ୯ ଯୁବତୀ

ମାଲକାନଗିରି,୨୨।୫(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକର ବଣ୍ଡା ଘାଟିର ମୁଦୁଲିପଡ଼ା ଅଞ୍ଚଳରୁ ପୁଣି ସାମ୍ନାକୁ ଆସିଛି ଦାଦନ ଶ୍ରମିକ ଚାଲାଣ ଘଟଣା। ଏକ ଘରୋଇ ବସ୍ ଯୋଗେ ଆନ୍ଧ୍ରପ୍ରଦେଶର ବିଜୟବାଡା ସ୍ଥିତ ଚିଙ୍ଗୁଡ଼ି କାରଖାନାରେ କାମ ପାଇଁ ଯାଉଥିବା ବେଳେ ୯ ଜଣ ଯୁବତୀଙ୍କୁ ପ୍ରଶାସନ ଅଟକାଇ ଉଦ୍ଧାର କରିଛି। ଉଦ୍ଧାର ହୋଇଥିବା କିଶୋରୀମାନେ ମୁଦୁଲିପଡ଼ା ପଞ୍ଚାୟତର କିଚପଡ଼ା ଓ ଆଖପାଖ ଅଞ୍ଚଳର ବୋଲି ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ୭ଜଣଙ୍କ ବୟସ ୧୮ ବର୍ଷରୁ କମ୍ ଥିବା ସୂଚନା ମିଳିଛି। ଶ୍ରମିକ ଚାଲାଣରେ କଟକର 'ବାବୁ ଭାଇ' ନାମକ ଜଣେ ବ୍ୟକ୍ତିଙ୍କ ସଂପୃକ୍ତି ଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଏହି ଯୁବତୀ ମାନେ ଘରୋଇ ବସ ଯୋଗେ ଆନ୍ଧ୍ର ଅଭିମୁଖେ ଯାଉଥିବା ବେଳେ ଏନେଇ କିଛି ସମାଜସେବୀ ସନ୍ଦେହ କରି ଚାଇଲ୍ଡ ଲାଇନକୁ ଯୋଗାଯୋଗ କରିଥିଲେ। ଖବର ପାଇ ଚାଇଲ୍ଡ ଲାଇନ ଓ ପୋଲିସ ଟିମ ଉକ୍ତ ବସକୁ ମାଲକାନଗିରି ଆଦର୍ଶ ଥାନା ସମ୍ମୁଖରେ ଅଟକାଇ ଯାଞ୍ଚ କରି ଏହି ୯ଜଣଙ୍କୁ ଉଦ୍ଧାର କରିଥିଲେ। ଏହି ଯୁବତୀ ମାନଙ୍କ ପାଖରେ ଶ୍ରମିକ ପଞ୍ଜୀକରଣ, ବ୍ୟାଙ୍କ ଆକାଉଣ୍ଟ, ବୀମା କିମ୍ବା ଚାକିରି ସମ୍ବନ୍ଧୀୟ କୌଣସି ସ୍ପଷ୍ଟ ଦଲିଲ ନଥିଲା। ଉଦ୍ଧାର ଯୁବତୀଙ୍କୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନିକଟରେ ହାଜର ସହ ସେମାନଙ୍କ ପରିବାର କୁ ଡକାଇ ବୁଝା ସୁଝା ପରେ ଆଗାମୀ ପଦକ୍ଷେପ ନିଆଯିବ ବୋଲି ଛାଇଲ୍ଡ ଲାଇନ ପକ୍ଷରୁ କୁହାଯାଇଛି।

# ଏଭିବିପିର ସାମ୍ବାଦିକ ସମ୍ମିଳନୀ

ମାଲକାନଗିରି, ୨୨।୫(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଏଭିବିପି ପକ୍ଷରୁ ଓଡ଼ିଶାର ପଶ୍ଚିମ ପ୍ରାନ୍ତରେ ଚଳିତ ବର୍ଷ ୧ ଲକ୍ଷ ସଦସ୍ୟତା ଗ୍ରହଣ ଲକ୍ଷ ନେଇ ଆଜି ମାଲକାନଗିରି ସଦର ସ୍ଥିତ ସର୍କିଟ ହାଉସରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଭିବିପିର ରାଜ୍ୟ ସମ୍ପାଦକ ସ୍ୱେତାଂଶୁ ଶେଖର ବରାଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏ ନେଇ ସୂଚନା ଦିଆଯାଇଛି। ମାଲକାନଗିରି ଜିଲ୍ଲାରେ ମଧ ଆହୁରି ୭୦୦୦ ଛାତ୍ର ଛାତ୍ରୀଙ୍କୁ ସଦସ୍ୟତା ଗ୍ରହଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ଏଭିବିପିର କର୍ମକର୍ତ୍ତା ରାଜା ପ୍ରଧାନ, ଉଜ୍?ଳ ଘୋସ ପ୍ରମୁଖଙ୍କ ସହ ଏଭିବିପିର ଜିଲ୍ଲା ଓ ରାଜ୍ୟ ସ୍ତରୀୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ବିଜେପି ଓ କଂଗ୍ରେସର ଦଳୀୟ କାର୍ଯ୍ୟାଳୟ ପାଲଟିଛି ଖଇରପୁଟ ବ୍ଲକ: ବିଜେଡି

ଖଇରପୁଟ, ୨୨।୫(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ବିଜୁ ଜନତା ଦଳ ତରଫରୁ ଏକ ୫ ଦଫା ସମ୍ବଳିତ ଦାବିପତ୍ର ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଆଜି ପୂର୍ବାହ୍ନ ୧୧ଟା ସମୟରେ ଜିଲ୍ଲା ବିଜୁ ଜନତା ଦଳର ଯୁବ ସଭାପତି ଶ୍ରୀନିବାସ ମୁଦୁଲିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବର୍ତ୍ତମାନର ପ୍ରଶାସନିକ ଅବହେଳା ଓ ଜନ ପ୍ରତିନିଧିଙ୍କୁ ଅଣଦେଖା ସମ୍ପର୍କିତ ୫ ଦଫା ଅଭିଯୋଗ ପତ୍ର ଖଇରପୁଟ ବିଡିଓ ଅର୍ପୀତା ମହାନ୍ତିଙ୍କୁ ପ୍ରଦାନ କରିଛନ୍ତି। ପଞ୍ଚାୟତ ସମିତିରେ ପଞ୍ଚାୟତ ପ୍ରତିନିଧି ଯଥା ସରପଞ୍ଚ, ସମିତି ସଭ୍ୟଙ୍କ ଗୁରୁତ୍ୱ ରହୁନାହିଁ। ବ୍ଲକର ବିଭିନ୍ନ ପଞ୍ଚାୟତର ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ଭତା ପାଇବାରୁ ଅନେକ ହିତାଧିକାରୀ ବଞ୍ଚିତ ହେଉଛନ୍ତି। ପଞ୍ଚାୟତ ପ୍ରତିନିଧିଙ୍କ ଦ୍ୱାରା ଦିଆଯାଉଥିବା ପ୍ରକଳ୍ପ ଗୁଡିକୁ ପଞ୍ଚାୟତ ସମିତି ରେ ଗୁରୁତ୍ୱ ଦିଆନଯାଇ ବିଧାୟକ ଏବଂ ସାଂସଦଙ୍କ ପ୍ରକଳ୍ପ ଗୁଡିକୁ ଅନୁମୋଦନ ଦିଆଯାଉଛି। ବ୍ଲକକୁ ବିଜେପି ଓ କଂଗ୍ରେସ ଦଳର ନେତା ମାନେ ନିଜ ନିଜ କାର୍ଯ୍ୟାଳୟରେ ପରିଣତ କରିଦେଇଛନ୍ତି । ବିକଶିତ ଗାଁ ବିକଶିତ ଓଡିଶା ଆସୁଥିବା କାମକୁ ଗଖଇ ଏବଂ ଗଚ ନିଜ ନିଜ କର୍ମୀ ଙ୍କ ମଧ୍ୟରେ ବାଣ୍ଟି ନେଉଛନ୍ତି। ଯାହା ଫଳରେ ସ୍ଥାନୀୟ ଲୋକେ କାମ କରିବାରୁ ବଞ୍ଚିତ ହେଉଛନ୍ତି ଯାହା ପାଇଁ ନିର୍ମାଣ କାମର ମାନ ଉପରେ ପ୍ରଶ୍ନ ଉଠିଛି । ତେଣୁ ସେସବୁ କାମ ଯାହା ବ୍ଲକ ତରଫରୁ



ହେଉଛି ତାହା ସମାନ ଭାବେ ସବୁ ଦଳକୁ ପ୍ରାଧାନ୍ୟ ଦିଆଯାଉ। ଏସବୁ ବିଷୟରେ ଦାବିପତ୍ର ପ୍ରଦାନ କରି ଦଳୀୟ ଜିଲ୍ଲା ଯୁବ ସଭାପତି କହିଛନ୍ତି ଯେ ଆଗାମୀ ୧୫ ଦିନ ମଧ୍ୟରେ ଉପରୋକ୍ତ ଦାବିଗୁଡିକର ସମାଧାନ ନକରାଗଲେ ଆଗାମୀ ଦିନରେ ବିରାଟ ଆନ୍ଦୋଳନ କରାଯିବ। ବିଡିଓ ଶ୍ରୀମତୀ ମହାନ୍ତି ଉପରୋକ୍ତ ଦାବି ସମ୍ପର୍କରେ ତର୍ଜମା କରି ସମାଧାନ କରିବେ ବୋଲି ଆଶ୍ୱାସନା ଦେଇଛନ୍ତି। ଖଇରପୁଟ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ବଳି ମାଝୀ , ଖଇରପୁଟ ବ୍ଲକ ସଭାପତି ସାଧୁ ହନ୍ତାଳ ,ବଡଡୁରାଲ ସରପଞ୍ଚ ଭିକାରୀ କିର୍ଷାନୀ, ମାଡକାପଦର ସରପଞ୍ଚ ଡମ୍ବରୁ ଶିଷା, କୁଡୁମୁଲୁଗୁମ୍ମା ସରପଞ୍ଚ ମଙ୍ଗଳା ମାଢ଼ୀ, ପରକାନମାଳା ସମିତି ସଭ୍ୟ ରାମ ମଲଲୀ, ଦଳୀୟ ଯୁବନେତା ଚିତ୍ତରଞ୍ଜନ ପଟ୍ଟନାୟକ, କଦମଗୁଡା ସଭାପତି ରଘୁ କିର୍ଷାନୀ, ବିନୋଦ ଖରା, ବିକ୍ରମ ପାଙ୍ଗୀ, ନନ୍ଦ ଗୈଡ, ଜଗନ୍ନାଥ ଗୈଡ, ହୃଷିକେଶ ବେହେରା ଓ ଋତୁରାଜ ପରିଚ୍ଛା ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ
THE SAKALA



### କଲ୍ୟାଣସିଂହପୁର ଲ୍ୟାମ୍ପସରେ ୭୫ ଲକ୍ଷ ଟଙ୍କା ଠକେଇ ମାମଲା

# ପରିଚାଳନା ନିର୍ଦ୍ଦେଶକଙ୍କୁ ଗିରଫ କଲା ଭିଜିଲାନ୍ସ



ରାୟଗଡ/କଲ୍ୟାଣସିଂପୁର,୨୨।୫(ସମିସ): ସମବାୟ ପ୍ରତିଷ୍ଠାନରେ ଆର୍ଥିକ ଅନିୟମିତତାକୁ ଲକ୍ଷ୍ୟ କରି ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଓଡିଶା ଭିଜିଲାନ୍ସ । ଆଜି ରାୟଗଡ ଜିଲ୍ଲାର କଲ୍ୟାଣସିଂହପୁର ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକ ତାରିଣୀ ପ୍ରସାଦ ତ୍ରିପାଠୀଙ୍କୁ ୭୫ଲକ୍ଷ ଟଙ୍କା ହେରଫେର ମାମଲାରେ ଗିରଫ କରିଛି ଭିଜିଲାନ୍ସ। ଶ୍ରୀ ତ୍ରିପାଠିଙ୍କ ବିରୁଦ୍ଧରେ ୭୫ ଲକ୍ଷ ଟଙ୍କା ଲ୍ୟାମ୍ପସ ପାଣ୍ଠି ଆତ୍ମସାତ କରିବାର ଅଭିଯୋଗ ହୋଇଥିଲା। ଓଡିଶା ଭିଜିଲାନ୍ସ ଦ୍ୱାରା ଏକ କଠୋର ଡକ୍ୟୁମେଣ୍ଟାରୀ ଯାଞ୍ଚରୁ ଜଣାପଡିଛି ଯେ ଏହି ଜାଲିଆତି କାର୍ଯ୍ୟକଳାପ ଗତ ୨୦୨୪ ରୁ ୨୦୨୬ ବର୍ଷ ମଧ୍ୟରେ ହୋଇଥିଲା। ଅଭିଯୁକ୍ତ ଶ୍ରୀ ତ୍ରିପାଠି ସରକାରୀ ରେକର୍ଡକୁ ରୀତିମତ ଭାବରେ ହେରଫେର କରି ଏହି ଜାଲିଆତି କରିଥିଲେ ବୋଲି ଅଭିଯୋଗ ହୋଇଛି। ଭିଜିଲାନ୍ସର ଅଧିକ, ତଦନ୍ତରୁ ଏହା ମଧ ଜଣାପଡିଛି ଯେ ୭୫ ଲକ୍ଷ ଟଙ୍କା ଆତ୍ସାତ ହୋଇଥିବା ଅର୍ଥରେ ସମବାୟ ସମିତିର ପ୍ରାଥମିକ ସଦସ୍ୟମାନଙ୍କର ପ୍ରତ୍ୟକ୍ଷ ସଞ୍ଚୟ ଏବଂ ଜମା ଅନ୍ତର୍ଭୁକ୍ତ, ଯାହା ଆର୍ଥିକ ସୁରକ୍ଷା ପାଇଁ ସଂସ୍ଥା ଉପରେ ନିର୍ଭର କରୁଥିବା ସ୍ଥାନୀୟ ଅଂଶୀଦାରମାନଙ୍କୁ ସିଧାସଳଖ ପ୍ରଭାବିତ କରିଥିଲା। ଶ୍ରୀ ତ୍ରିପାଠୀ ନିଜ ନାମରେ ଏବଂ ନିଜ ପରିବାର ସଦସ୍ୟଙ୍କ ନାମରେ ଲକ୍ଷାଧିକ ଟଙ୍କା ଲ୍ୟାମ୍ପସ ହିସାବ ରକ୍ଷକଙ୍କ ଅଜାଣତରେ ଉଠାଣ କରି ସବୁତକ ଟଙ୍କା ଆତ୍ମସାତ କରିଥିଲେ । ବିଭାଗୀୟ ତଦନ୍ତ ରିପୋର୍ଟ ଅନୁଯାୟୀ, ୩୩ ଜଣ ଚାଷୀଙ୍କ ଅଜାଣତରେ ୨୮ ଲକ୍ଷ ୨୯ ହଜାର ଟଙ୍କା ଉଠାଯାଇଥିବା ଏବଂ ନିଜ ପରିବାର ସଦସ୍ୟଙ୍କ ନାମରେ ୭୫ ଲକ୍ଷ ଟଙ୍କାରୁ ଅଧିକ ଅର୍ଥ ହଡପ କରାଯାଇଥିବା ଉଲ୍ଲେଖ ରହିଛି। ସେହିପରି ଏମଡି ତ୍ରିପାଠୀଙ୍କ ମିନି ବ୍ୟାଙ୍କ ଆକାଉଣ୍ଟରୁ ୨୮ ଲକ୍ଷ ୨୯ ହଜାର ଟଙ୍କା, ଭାଇଙ୍କ ନାମରେ ୧୪ ଲକ୍ଷ ୨୧ ହଜାର, ବାପାଙ୍କ ନାମରେ ୩ ଲକ୍ଷ ୬୫ ହଜାର, ସ୍ତ୍ରୀ ଓ ଅନ୍ୟ ସମ୍ପର୍କୀୟଙ୍କ ନାମରେ ୬ ଲକ୍ଷ ୬୫ ହଜାର ଏବଂ ନିଜ ନାମରେ ୨୨ ଲକ୍ଷ ଟଙ୍କା ହିସାବ ରକ୍ଷକଙ୍କ ଅଜାଣତରେ ବ୍ୟାଙ୍କରୁ ଉଠାଯାଇଥିବା ବିଭାଗୀୟ ତଦନ୍ତରୁ ଜଣାପଡ଼ିଛି। ଏହି ସମ୍ପର୍କରେ ରାୟଗଡ଼ ଜିଲ୍ଲା କଲ୍ୟାଣସିଙ୍ଗପୁର ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକ(ଏମଡି) ତାରିଣୀ ପ୍ରସାଦ ତ୍ରିପାଠିଙ୍କ ବିରୁଦ୍ଧରେ କୋରାପୁଟ ଭିଜିଲାନ୍ସ ପିଏସ୍ ମାମଲା ନମ୍ବର ୮/ ୨୧.୦୫.୨୦୨୬ ଦୁର୍ନୀତି ନିବାରଣ ଆଇନ, ୨୦୧୮/ବିଏନ୍ଏସ୍, ୨୦୨୩ ଅନୁଯାୟୀ ରୁଜୁ କରାଯାଇ ଗିରଫ କରାଯିବା ପରେ ତାଙ୍କୁ ଆଜି କୋର୍ଟକୁ ପଠାଯାଇଛି। ଏ ନେଇ ଭିଜିଲାନ୍ସ ମାମଲାର ତଦନ୍ତ ଜାରି ରଖିଥିବା ବେଳେ ଆଜି ସକାଳେ ରାୟଗଡ ଦୁର୍ନୀତି ନିବାରଣ ବିଭାଗର ୬ଜଣିଆ ଟିମ ଏମଡି ଶ୍ରୀ ତ୍ରିପାଠୀଙ୍କ ଜିଲୁଣ୍ଡା ସ୍ଥିତ ବାସ ଭବନରେ ଚଢ଼ାଉ କରି ବ୍ୟାଙ୍କ ପାସ୍‌ବୁକ, ଜମିଜମା କାଗଜପତ୍ର, ବୀମା ସହ ନଗଦ ଟଙ୍କା ଜବତ କରି ତାଙ୍କର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ଆକଳନ ଜାରି ରଖିଥିବା ଜଣାପଡିଛି ।

# ରାତିରେ ରହୁଛି ଡିଜେଲ, ସକାଳୁ ନୋ ଷ୍ଟକ୍ !




କଲ୍ୟାଣସିଂହପୁର,୨୨।୫(ସମିସ): ମଧ୍ୟପ୍ରାଚ୍ୟ ଦେଶରେ ଯୁଦ୍ଧ ପରିସ୍ଥିତି ଲାଗି ରହିଥିବାରୁ ହରମୁଜ ଦେଇ ଦେଶକୁ ପେଟ୍ରୋଲ ଆସିବା କଷ୍ଟ ହେଉଥିବାରୁ ତେଲର ଶଙ୍କଟ ଦେଖା ଦେଇଛି। ଏହାର ସୁଯୋଗ ନେଇ କିଛି ପେଟ୍ରୋଲ ପମ୍ପ ମାଲିକ କଳା ବେପାର ଚଲାଇ ଥିବା ଦେଖିବାକୁ ମିଳୁଛି। ଏମିତି ଘଟଣା ଦେଖିବାକୁ ମିଳୁଛି ରାୟଗଡା ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକର ଆଇଓସିଏଲ କମ୍ପାନୀ ଉମାଶଙ୍କର ପେଟ୍ରୋଲ ପମ୍ପରେ ରାତିରେ ଡିଜେଲ୍ ଥିବା ବେଳେ ସକାଳୁ ମିଳୁ

## କଳା କାରବାର ଅଭିଯୋଗ

ନଥିବା ଅଭିଯୋଗ ହେଉଛି। କଲ୍ୟାଣସିଂହପୁର ଇଣ୍ଡିଆନ ଅଏଲ ପମ୍ପରେ ଚାଷୀଙ୍କ ସେବା ପାଇଁ ଆସିଥିବା ଡିଜେଲକୁ ରାତି ଅଧିଆ ଚୋରାରେ କଳ କାରଖାନା ଓ ରେଳ ଲାଇନରେ କାର୍ଯ୍ୟ କରୁଥିବା ଠିକା କମ୍ପାନୀ ଟେକି ଦିଆଯାଉଥିବା ଅଭିଯୋଗ ହୋଇଛି। ଦୁଇ ଦିନରେ ୩୦ ହଜାର ଲିଟରରୁ ଅଧିକ ଡିଜେଲ ଦଶରୁ ପନ୍ଦର ଟଙ୍କା ଅଧିକରେ ବିକ୍ରି କରି ଦେଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ରାତିରେ ଡିଜେଲ ଆସିଲେ ସକାଳେ ନୋ ଷ୍ଟକ୍ ବୋଲି ବୋର୍ଡ ଦେଖିବାକୁ ମିଳୁଛି ବୋଲି ଅଭିଯୋଗ କରିଛନ୍ତି ଚାଷୀ ମାନେ। ପେଟ୍ରୋଲ ଓ ଡିଜେଲ ସଙ୍କଟ ସମୟରେ ଏଭଳି ଚୋରାରେ ବିକ୍ରି କରିଦେଉଥିବାରୁ ଚାଷୀମାନଙ୍କୁ ଚାଷ କାର୍ଯ୍ୟ ପାଇଁ ଡିଜେଲ ମିଳୁନି ବୋଲି ପ୍ରକାଶ କରିଛନ୍ତି। ପେଟ୍ରୋଲ ପମ୍ପ ଗୁଡାକରେ ଏଭଳି କେବେ ମଧ ବିକ୍ରି ହୋଇନଥିବା ବେଳେ ଗତ ଦୁଇ ରାତି ମଧ୍ୟରେ କିଭଳି ବିକ୍ରି ହୋଇ ଗଲା ତାହା ସାଧାରଣରେ ଆଶ୍ଚର୍ଯ୍ୟ ପ୍ରକଟ କରିଛି। ଏଭଳି ଘଟଣା ଯୋଗାଣ ବିଭାଗ ଓ ପମ୍ପ ମାଲିକ ମଧ୍ୟରେ ସମ୍ପର୍କ ଥିବା ସ୍ପଷ୍ଟ ହୋଇଛି ବୋଲି ଚାଷୀ ଅଭିଯୋଗ ହୋଇଛି। ଯଦି କୌଣସି କଳା କରବାର ହୋଇନି ତେବେ ବିଭାଗ ଓ ଜିଲ୍ଲା ପ୍ରଶାସନ ସିସିଟିଭି ଯାଞ୍ଚ ଓ କେତେବେଳେ ତେଲ ଆସିଲା କେତେବେଳେ ବିକ୍ରିହେଲା ଯାଞ୍ଚ କଲେ ପ୍ରକୃତ ତଥ୍ୟ ପଦାକୁ ଆସିବ ବୋଲି ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ରାମଚନ୍ଦ୍ର ଶବରଙ୍କୁ ପଚାରିବାରୁ ଆମେ ଖାଲି ତଦାରଖ କରିବୁ ସିନା କିଏ ରାତିରେ ବିକ୍ରୀ କରିବ ତାହା ଆଇଓସିଇଲ ବୁଝିବ ବୋଲି ପ୍ରକାଶ କରିଛନ୍ତି। ଅଧିକରୀଙ୍କ ଏହି ଉକ୍ତିରୁ ସ୍ପଷ୍ଟ ଜଣା ପଡିଛି ପେଟ୍ରଲ ପମ୍ପ ଗୁଡ଼ିକ ଯୋଗାଣ ବିଭାଗର ଅଧୀନରେ ନାହିଁ। ଏମିତି କଳା ବଜାରୀ ରୋକିବା ପାଇଁ ଜିଲ୍ଲାପାଳ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

## ଓସଡ଼ାମା ମୁଖ୍ୟ ପରିଚାଳକଙ୍କ ବାତ୍ୟା ଆଶ୍ରୟସ୍ଥଳୀ ଗସ୍ତ

ରାୟଗଡ,୨୨।୫(ସମିସ): ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଆୟୋଗ(ଓସଡ଼ାମା)ର ମୁଖ୍ୟ ପରିଚାଳକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ବୁଧବାର ରାୟଗଡ଼ ଜିଲ୍ଲା ଗସ୍ତ କରିଛନ୍ତି। ଅପରାହ୍ନରେ ରାୟଗଡ ବ୍ଲକ ପରିସରରେ ସମସ୍ତ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ବିପର୍ଯ୍ୟୟ ପରିଚାଳନା ନିମନ୍ତେ ପ୍ରାକ୍ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ବ୍ଲକ ସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଯୋଜନା ସହ ବିଭିନ୍ନ ବିଭାଗୀୟ ତଥ୍ୟ, ବ୍ଲକ କଣ୍ଟ୍ରୋଲ ରୁମ୍, ଗ୍ରାମ ପଞ୍ଚାୟତ ନୋଡାଲ ଅଧିକାରୀ, ଗ୍ରାମ୍ୟ ସ୍ତରୀୟ ଟାସ୍କ ଫୋର୍ସ ଗଠନ ଆଦିର ଆଲୋଚନା କରିଥିଲେ। ପରେ ଶେଷଖାଲ ସ୍ଥିତ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରି ବିଭିନ୍ନ ଉପକରଣ ଗୁଡିକର କାର୍ଯ୍ୟକାରିତା ତନଖି କରିଥିଲେ। ବିପର୍ଯ୍ୟୟ ପରିଚାଳନା କମିଟି ସଦସ୍ୟଙ୍କ ସହ ତାହାର ପରିଚାଳନା ବିଷୟରେ ଆଲୋଚନା କରିଥିଲେ। ପରିଦର୍ଶନ ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର କଳିଙ୍ଗ କୁମାର ପୂଜାରୀ, ଏବିଡିଓ କାଳୁ ଚରଣ ନାୟକ, ଯନ୍ତ୍ରୀ ଦିପ୍ତୀ ରଞ୍ଜନ ବେହେରା, ଓସଡ଼ମା ଜିଲ୍ଲା ପ୍ରକଳ୍ପ ଅଧିକାରୀ ପ୍ରଦୋଷ ରଞ୍ଜନ ବେହେରା, ଅତିରିକ୍ତ ତସିଲଦାର ଶ୍ରୀମନ୍ତ ସାହୁ, ବାତ୍ୟା ଆଶ୍ରୟସ୍ଥଳୀ ସମ୍ପାଦକ ସୁଧୀର କୁମାର ପାଲ୍ଲୀ, ନିର୍ବାହୀ ଅଧିକାରୀ ମନୋଜ ଜିଲାକାରା, ଏଡିଇଓ ପ୍ରଫୁଲ୍ଲ ହିଆଲ, ଜିଆରଏସ ଆପାଲାସ୍ୱାମି ଜିଲାକାରା ଓ ନିଳାଞ୍ଚଳ ମିଶ୍ର ସମେତ ସମସ୍ତ କମିଟି ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଆଗାମୀ ବର୍ଷା ଦିନ ନିମନ୍ତେ ରାୟଗଡ଼ ବ୍ଲକ ତରଫରୁ ପୂର୍ବ ପ୍ରସ୍ତୁତିରେ ମୁଖ୍ୟ ପରିଚାଳକ ଆଚାର୍ଯ୍ୟ ସନ୍ତୋଷ ପ୍ରକାଶ କରିବା ସହ ବାତ୍ୟା ଆଶ୍ରୟସ୍ଥଳୀ କମିଟିକୁ ଅଧିକ ସକ୍ରୀୟ ଯୋଗଦାନ ନିମନ୍ତେ ଉତ୍ସାହିତ କରିଥିଲେ। ଗୁରୁବାର ଦିନ ବିଷମକଟକ ବ୍ଲକର ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କାର୍ଯ୍ୟକ୍ରମ ଥିବା ଜଣାପଡ଼ିଛି।

## ତ୍ରିବେଣୀ ଜ୍ଞାନ ମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା

ପଦ୍ମପୁର, ୨୨।୫(ସମିସ ): ରାୟଗଡା ଜିଲ୍ଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ତ୍ରିବେଣୀ ଜ୍ଞାନ ମନ୍ଦିର, ପଦ୍ମପୁର ପୁନର୍ବାର ଶିକ୍ଷା କ୍ଷେତ୍ରରେ ଏକ ଐତିହାସିକ ସଫଳତା ହାସଲ କରିଛି।୨୦୨୪-୨୬ ଶିକ୍ଷାବର୍ଷର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓଡିଶାର +୨ କଳା ବିଭାଗ ପରୀକ୍ଷାରେ ଅନୁଷ୍ଠାନ ଅତି ଭଲ ଫଳାଫଳ ହାସଲ କରିଛି। ଏହି ପରୀକ୍ଷାରେ ଅନୁଷ୍ଠାନର ମୋଟ ୧୪୬ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ଏବଂ ସମସ୍ତେ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଛନ୍ତି। ୩ ଜଣ ଛାତ୍ରଛାତ୍ରୀ ଯଥାକ୍ରମେ ବିମାଳି ମଲ୍ଲିକ ୫୧୬, ଦୀପଙ୍କର ବେହେରା ୫୦୭ ଆଣ୍ଡ ଲିପ୍ସା ରାଣୀ ପତିକା ୫୦୬ ଆଣି ଗର୍ବ ଅର୍ଜନ କରିଛନ୍ତି। ଫଳାଫଳ ଅନୁଯାୟୀ ୭୬ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀ, ୪୦ ଜଣ ଦ୍ୱିତୀୟଶ୍ରେଣୀ ଏବଂ ୩୦ ଜଣ ତୃତୀୟଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

## ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା



ମାଲକାନଗିରି, ୨୨।୫(ସମିସ): ମାଲକାନଗିରି ଭଳି ଉପାନ୍ତ ଆଦିବାସୀ ଜିଲ୍ଲାରେ ନାରୀଶିକ୍ଷାର ପ୍ରେରଣା ପାଲଟିଛି ଜିଲ୍ଲାର ଏକମାତ୍ର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ । ଉନ୍ନତ ଶିକ୍ଷାଦାନ, ଶୃଙ୍ଖଳିତ ପରିବେଶ ଓ ରହଣି ସୁବିଧା କାରଣରୁ ଜିଲ୍ଲାର ଅନେକ ଛାତ୍ରୀ ଏହି ବିଦ୍ୟାଳୟ ଉପରେ ନିର୍ଭର କରୁଛନ୍ତି। ବିଗତ ବର୍ଷ ବିଦ୍ୟାଳୟର ସିଟ୍ ସଂଖ୍ୟା ବୃଦ୍ଧି ପାଇ ୪୧୬ କୁ ପହଞ୍ଚିଛି। ଚଳିତ ଯୁକ୍ତ ଦୁଇ ପରୀକ୍ଷାରେ ବିଦ୍ୟାଳୟ ୯୫.୪୨ ପ୍ରତିଶତ ସଫଳତା ହାର ସହ ଐତିହାସିକ ସଫଳତା ହାସଲ କରିଛି। ମୋଟ ୩୫୦ ଜଣ ଛାତ୍ରୀଙ୍କ ମଧ୍ୟରୁ ୩୩୪ ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୯୭ ଜଣ ପ୍ରଥମ, ୧୧୫ ଜଣ ଦ୍ୱିତୀୟ ଓ ୧୨୨ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ପ୍ରତିଭା ରାଣୀ ନାୟକ ୫୦୯ ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ଏହି ସଫଳତା ପାଇଁ ଅଧକ୍ଷ ଦୁଷ୍ମନ୍ତ କୁମାର ଜେନା ସମସ୍ତ କୃତୀ ଛାତ୍ରୀ ଓ ଶିକ୍ଷକ-କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେପଟେ ବିଦ୍ୟାଳୟକୁ ସରକାରୀକରଣ କରିବା ପାଇଁ ସାଧାରଣରେ ଦାବି ଜୋର ଧରିଛି।

## କେନ୍ଦ୍ର ସରକାର ବିରୋଧରେ ସିପିଏମ୍‌ର ପ୍ରଦର୍ଶନ

ଜୟପୁର,୨୨।୫(ସମିସ): କୋରାପୁଟ ଜିଲ୍ଲା ଜୟପୁର ମୁଖ୍ୟ ଟ୍ରାଫିକ ଛକ ଠାରେ ଦେଶରେ ଦରଦାମ୍ ବୃଦ୍ଧି ଓ ନିଟ୍ ପରୀକ୍ଷାରେ ଅନିୟମତା ଓ ଘୋଟାଲା ବିରୁଦ୍ଧରେ ସିପିଆଇ ଓ ଏଆଇଏସଏଫ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କେନ୍ଦ୍ର ସରକାରଙ୍କ ତୃଟିଜନୀତ ନୀତି ଯୋଗୁଁ ଦେଶରେ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ, କ୍ଷୀର ପ୍ରଭୃତି ଅତି ଆବଶ୍ୟକତା ସାମଗ୍ରୀର ଦର ବୃଦ୍ଧି ହେବାରେ ଲାଗିଛି। କେନ୍ଦ୍ର ସରକାର ଦେଶକ ଆମେରିକାର ଗୋଲାମୀଗିରି କରିସାରିଲାଣି ବୋଲି ବିକ୍ଷୋଭକାରୀ ମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ମାନଙ୍କୁ ନର୍କର ଲୋକ ବୋଲି କହିବା ବେଳେ ମଧ କେନ୍ଦ୍ର ସରକାର ନୀରବ ରହିବା ଦୁର୍ଭାଗ୍ୟ ବିଷୟ ପାଲଟିଛି। ସେହିପରି ଓଡ଼ିଶାରେ ମହିଳା ମାନଙ୍କ ଉପରେ ନିର୍ଯ୍ୟାତନା ଓ ଅତ୍ୟାଚାର ବୃଦ୍ଧି ପାଉଛି, ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ସେହିପରି କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳଇତ ନିଟ୍ ୟୁଜି ପରୀକ୍ଷା ପାଇଁ ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରତିବର୍ଷ ପ୍ରଶ୍ନ ପତ୍ର ପ୍ରଘଟ ପାଇଁ ହତାଶ ହେବାକୁ ପଡୁଛି। ଚଳିତବର୍ଷ ପ୍ରଶ୍ନ ପତ୍ର ପ୍ରଘଟ ଏକ ସୁନିୟନ୍ତ୍ରିତ ଢଙ୍ଗରେ କୋଟି କୋଟି ଟଙ୍କାର ଦୁର୍ନିତୀ କରାଯାଇ ଏହିପରି ଷଡଯନ୍ତ୍ର କରାଯାଇଛି। ଏହି ବିଭାଗର ଦାୟୀତ୍ୱରେ ରହିଥିବା କେନ୍ଦ୍ର ମାନବସମ୍ବଳ ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତୁରନ୍ତ ଇସ୍ତଫା ଦେବାକୁ ଏଆଇଏସଏଫ୍ ଓ ସିପିଆଇ ଦାବି କରିଥିଲେ। ଏହି ବିକ୍ଷୋଭ ପ୍ରଦର୍ଶନରେ ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରମୋଦ କୁମାର ମହାନ୍ତି, ବରିଷ୍ଠ ସିପିଆଇ ନେତା ଯୁଧିଷ୍ଠିର ରାଉଳ, ଜିଲ୍ଲା ସମ୍ପାଦକ ରାମକୃଷ୍ଣ ଦାସ, ଛାତ୍ର ପ୍ରତିନିଧି ପବନ ମହୁରିଆ, ଭୀଷ୍ମ ନାୟକ, ସୁନିତା ନାଗ୍, ପୂର୍ଣ୍ଣ ଚନ୍ଦ୍ର ସୁରୁ, କୁରୁମ ନାଥ ଭତରା, ଶ୍ରମିକ ନେତା ଉତ୍ତମ ମଲ୍ଲିକ, ଯୁବ ନେତା ନନ୍ଦ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ।

## ଫାର୍ମାସିଷ୍ଟଙ୍କ ଭରସାରେ ପିଏଚସିରେ ସ୍ୱାସ୍ଥ୍ୟ ସେବା

ଦୁର୍ଗୀ, ୨୨।୫(ସମିସ): ରାୟଗଡ଼ ଜିଲ୍ଲା ବିଷମକଟକ ବ୍ଲକ ଅନ୍ତର୍ଗତ ଦୁର୍ଗୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ପିଏଚସି) ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଡାକ୍ତର ଅଭାବ ଯୋଗୁଁ ରୋଗୀ ମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ଦେଖିବାକୁ ମିଳିଛି। ଦୀର୍ଘ ଦିନ ହେଲା ଡାକ୍ତର ନ ଥିବାରୁ ଦୂର୍ଗୀ ପଞ୍ଚାୟତର ପିଏଚସି କେନ୍ଦ୍ର ଉପରେ ନିର୍ଭର ଡୁମୁରୁନେଲି, କୁମ୍ଭାରଧାମୁନି, କଣାବାଇ, ବେଥିଆପଡ଼ା ପାଞ୍ଚଟି ପଞ୍ଚାୟତ ବାସିନ୍ଦା ଓ ଜନସାଧାରଣ ମାନେ ଚିକିତ୍ସା ସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ପ୍ରତିଦିନ ଅନେକ ରୋଗୀ, ପ୍ରସୁତୀ ମହିଳା, ଦୁର୍ଘଟଣାଗସ୍ତ ଲୋକମାନେ ଆସି ଚିକିତ୍ସାରୁ ବଞ୍ଚିତ ହେବା ଭଳି ବିକଳ ଚିତ୍ର ଦେଖିବାକୁ ମିଳିଛି। ମୁଖ୍ୟତଃ ଡାକ୍ତର ନଥିବାରୁ ଦୁଇମାସ ହେଲା ପ୍ରସବ ସୁବିଧା ସଂପୁର୍ଣ ରୂପେ ବନ୍ଦ ହେଇଯାଇଛି। ପୂର୍ବରୁ ଦୂର୍ଗୀ ପିଏଚସି କେନ୍ଦ୍ରରେ ମାସକୁ ୧୫ରୁ ୨୦ ଜଣ ଗର୍ଭବତୀଙ୍କ ସୁରକ୍ଷିତ ପ୍ରସବ କରାଯାଇଥିବା ବେଳେ ବର୍ତ୍ତମାନ ପ୍ରସବ ଗୃହରେ ତାଲା ଝୁଲିବା ଦେଖିବାକୁ ମିଳିଛି। ଗରିବ ମହିଳାମାନେ ପ୍ରସବ ସୁବିଧାରୁ ବଞ୍ଚିତ ହେବାରୁ ଅନେକ ସମୟରେ ସେମାନଙ୍କୁ ରାୟଗଡା ଓ ଗୁଣୁପୁରକୁ ସ୍ଥାନାନ୍ତରିତ କରାଯାଉଛି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସ୍ୱାସ୍ଥ୍ୟ ସେବା ଉପରେ ଗୁରୁତ୍ୱ ଦେଉଛନ୍ତି ବୋଲି ଭାଷଣ ବାଜି କରୁଥିବା ବେଳେ ଦୁର୍ଗୀ ଭଳି ଅଞ୍ଚଳରେ ଏଭଳି ଅସଜଡା ଭିତ୍ତିଭୂମ ଦେଖିବାକୁ ମିଳିଛି। ଏନେଇ ଦୁର୍ଗମ ଅଞ୍ଚଳର ସ୍ୱାସ୍ଥ୍ୟସେବାର ସମସ୍ୟାର ସମାଧାନ ନ କରାଗଲେ ସ୍ଥାନୀୟ ଜନସାଧାରଣ ଲିଖିତ ଭାବେ ବାରମ୍ବାର ଦାବି କରିବା ସତ୍ତ୍ୱେ ଡାକ୍ତର ନିଯୁକ୍ତ କରାନଗଲେ ଆଗାମୀ ଦିନରେ ଜନସାଧାରଣ ରାଜରାସ୍ତାରେ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ବିଜେପି ମହିଳା ମୋର୍ଚ୍ଚାର ଜନଆକ୍ରୋଶ ସମାବେଶ

ଚନ୍ଦ୍ରପୁର,୨୨।୫(ସମିସ): ରାୟଗଡ଼ା ଜିଲ୍ଲା ଗୁଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଚନ୍ଦ୍ରପୁର ବ୍ଲକରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ମହିଳା ଜନ ଆକ୍ରୋଶ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରପୁର ମଣ୍ଡଳ ସଭାପତିଫକିର ମୋହନ ଗୁମିଟାଙ୍ଗା ନେତୃତ୍ୱରେ ମଣ୍ଡଳ ପ୍ରଭାରୀ ରୁଦ୍ର ପ୍ରକାଶ ମଗୁଲି ସଂଯୋଜନାରେ ସମାବେଶ ଅନୁଷ୍ଠିତ ହୋଇଥିଲା। ଝୋଲିଆ ମନ୍ଦିରରୁ ବାହାରିଥିବା ବିଶାଳ ଶୋଭାଯାତ୍ରା ବ୍ୟାନର, ପ୍ଲାକାର୍ଡ ଓଜୋରଦାର ନାରାବାଜି ସହ ସମଗ୍ର ସହର ପରିକ୍ରମା କରିଥିଲା। ଶୋଭାଯାତ୍ରା ଶେଷରେ ବିରୋଧୀ ଦଳର କୁଶପୁତଳିକା ଦାହ କରାଯାଇ କଂଗ୍ରେସକୁ କଡ଼ା ସମାଲୋଚନା କରାଯାଇଥିଲା। ସମାବେଶରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ୍ ଅଧକ୍ଷ ବିଦ୍ୟାଧର ଶବର, ରାଜ୍ୟ କାର୍ଯ୍ୟକାରିଣୀ ଶିବଶଙ୍କର ଉଲାକା, ଆଦିବାସୀ ମୋର୍ଚ୍ଚା କେନ୍ଦ୍ରୀୟ ନେତୃତ୍ୱର କଳୀରାମ ମାଝୀ, ମହିଳା ସଭାନେତ୍ରୀ ରଞ୍ଜିତା କରଡ଼ା, ଉପ ସଭାନେତ୍ରୀ ଗୌରୀ ମାଣ୍ଡାଙ୍ଗି, ଜିଲ୍ଲା ଉପ ସଭାନେତ୍ରୀ ସୁଶୀଳା ସରାଫ, ଜିଲ୍ଲା କୃଷକ ମୋର୍ଚ୍ଚା ପ୍ରତାପ ୱାଲା, ଆଦିବାସୀ ମୋର୍ଚ୍ଚା ଚିହ୍ନା କଣ୍ଡାଗିରୀ, ୱାଇ ଗଣପତି, ପୂର୍ବତନ ମଣ୍ଡଳ ସଭାପତି ପ୍ରିୟରଞ୍ଜନ ସାହୁକାର ପ୍ରମୁଖ ଯୋଗ ଦେଇଥିଲେ।

# ମୌସୁମୀ ବର୍ଷା ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ




ରାୟଗଡ, ୨୨।୫(ସମିସ): ଦକ୍ଷିଣ ପଶ୍ଚିମ ମୌସୁମୀ ବର୍ଷା୨୦୨୬ ସମୟରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ସଫଳ ମୁକାବିଲା ପାଇଁ ଆଜି ରାୟଗଡ ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଜିଲ୍ଲାପାଳ ଅଶୁତୋଷ କୁଲକର୍ଣ୍ଣୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାରେ ବନ୍ୟା ପୂର୍ବ ପ୍ରସ୍ତୁତି, ସତର୍କତାମୂଳକ ପଦକ୍ଷେପ ଏବଂ ବିଭିନ୍ନ ବିଭାଗର ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଜିଲ୍ଲାରେ ଜରୁରୀକାଳୀନ ସ୍ଥିତିର ପରିଚାଳନା ପାଇଁ ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟ ଏବଂ ନିୟନ୍ତ୍ରଣ କକ୍ଷକୁ ସମ୍ପୂର୍ଣ୍ଣ ସକ୍ରିୟ କରାଯାଇଛି, ଯାହାର ଫୋନ ନମ୍ବର ୦୬୮୫୬୨୨୪୦୮୨ ଏବଂ ଟୋଲ୍ ଫ୍ରି ନମ୍ବର ୧୦୭୭ ଜାରି କରାଯାଇଛି। ଏହା ସହ ଅଗ୍ନିକାଣ୍ଡ ସମ୍ବନ୍ଧୀୟ ସମସ୍ୟା ପାଇଁ ଟୋଲ୍ ଫ୍ରି ନମ୍ବର ୧୧୨କୁ ଯୋଗାଯୋଗ କରିପାରିବେ। ବୈଠକରେ ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣୀ, ବିଧାୟକ ରାୟଗଡ କାଡ୍ରକା ଆପଲା ସ୍ୱାମୀ, ବିଧାୟକ ଗୁଣପୁର ସତ୍ୟଜିତ ଗମାଙ୍ଗ, ବିଧାୟକ ବିଷମକଟକ ନୀଳମାଧବ ହିକକା ସମସ୍ତ ବିଭାଗକୁ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ସହ ବନ୍ୟା ପ୍ରବଣ ଅଞ୍ଚଳଗୁଡ଼ିକରେ ପୂର୍ବରୁ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନଦୀ ଓ କେନାଲ ବନ୍ଧର ଦୁର୍ବଳ ସ୍ଥାନ ଚିହ୍ନଟ କରି ତୁରନ୍ତ ମରାମତି କରିବା, ଡ୍ରେନେଜ ବ୍ୟବସ୍ଥା ସଫା ରଖିବା ଓ ବର୍ଷାଜଳର ସ୍ୱାଭାବିକ ନିଷ୍କାସନ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ବର୍ଷା ମାପକ କେନ୍ଦ୍ରଗୁଡ଼ିକର ଯାଞ୍ଚ, ନିୟନ୍ତ୍ରଣ କକ୍ଷ ସକ୍ରୀୟକରଣ ଓ ଆବଶ୍ୟକ ଯୋଗାଯୋଗ ଉପକରଣ ସୂଚାରୁ ରଖିବାକୁ ସମ୍ପୃକ୍ତ ବିଭାଗକୁ କୁହାଯାଇଥିଲା। ଯେକୌଣସି ଜରୁରୀ ପରିସ୍ଥିତିର ତୁରନ୍ତ ମୁକାବିଲା ଓ ଉଦ୍ଧାର କାର୍ଯ୍ୟ ପାଇଁ ଜିଲ୍ଲାରେ ଓଡ୍ରାଫ୍ ରାୟଗଡ, ଭାମିନୀ ସ୍ଥିତ ଦ୍ୱିତୀୟ ଆଇଆରବିଏନ ଏବଂ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ୧୧ଟି ଅଗ୍ନିଶମ କେନ୍ଦ୍ରର ସେବାକୁ ସଜାଗ ରଖାଯାଇଛି। ବୈଠକରେ ବନ୍ୟା ପ୍ରବଣ ଅଞ୍ଚଳରେ ଖାଦ୍ୟ ସାମଗ୍ରୀ, ପାନୀୟ ଜଳ, ଔଷଧ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀର ଅଗ୍ରୀମ ମଜୁତ, ଅସ୍ଥାୟୀ ଆଶ୍ରୟସ୍ଥଳୀ ଚିହ୍ନଟ ଓ ସେଠାରେ ପାନୀୟ ଜଳ ଏବଂ ପରିମଳ ବ୍ୟବସ୍ଥା ସୁନିଶ୍ଚିତ କରିବା ଉପରେ ମଧ ଆଲୋଚନା ହୋଇଥିଲା। ବିପର୍ଯ୍ୟୟ ସମୟରେ ଲୋକଙ୍କୁ ଆଶ୍ରୟ ଦେବା ପାଇଁ ଜିଲ୍ଲାରେ ୩ଟି ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ଯଥା ରାୟଗଡ ବ୍ଲକର ହାଟଶେଷଖାଲ, ବିଷମକଟକ ବ୍ଲକର କୁଟ୍ରାଗଡ ଏବଂ ଗୁଣୁପୁର ବ୍ଲକର ବିକ୍ରମପୁର ଠାରେ ତାଲିମପ୍ରାପ୍ତ ଟାସ୍କଫୋର୍ସ ପ୍ରସ୍ତୁତ ରହିଛନ୍ତି। ଏହା ବ୍ୟତୀତ ରାୟଗଡା ଜିଲ୍ଲାର ବିଭିନ୍ନ ବ୍ଲକରେ ଅନ୍ୟ ୮୪ଟି ଚିହ୍ନଟ ହୋଇଥିବା ଆଶ୍ରୟସ୍ଥଳୀକୁ ମଧ ପ୍ରସ୍ତୁତ ରଖାଯାଇଛି। ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ନିଜ ନିଜ ବିଭାଗର ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଥିଲେ। ବୈଠକରେ ବିଧାୟକ ରାୟଗଡ ଶ୍ରୀ କାଡ୍ରକା, ବିଧାୟକ ଗୁଣପୁର ଗୋମାଙ୍ଗ, ବିଧାୟକ ବିଷମକଟକ ହିକକା, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ ) ନବୀନ ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ରାୟଗଡ଼ ରମେଶ ଚନ୍ଦ୍ର ଜେନା, ଉପଜିଲ୍ଲାପାଳ ଗୁଣପୁର ଅଭିଷେଖ ଦୁଦାଲ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୋସନାର ବର୍ଲା, ଅଗ୍ନିଶମ, ସ୍ୱାସ୍ଥ୍ୟ, ଜଳସମ୍ପଦ, ପଞ୍ଚାୟତିରାଜ, ବିଦ୍ୟୁତ୍, ପରିବହନ, ଖାଦ୍ୟ ଯୋଗାଣ, କୃଷି, ପଶୁ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ, ଗୋଷ୍ଠୀ ଉର୍ନ୍ନୟନ, ତହସିଲଦାର ସହ ଜିଲ୍ଲାର ସମସ୍ତ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ

### ● ଗୋବିନ୍ଦପାଲ୍ଲୀ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

# ବାଣିଜ୍ୟରେ ଶତ ପ୍ରତିଶତ, ବିଜ୍ଞାନରେ ୮୯.୦୫ ପ୍ରତିଶତ ସଫଳ



ମାଥିଲି,୨୧।୫(ସମିସ): ଉପାନ୍ତ ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଗୋବିନ୍ଦପାଲ୍ଲୀ ଏସ୍ଏସ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତ ବର୍ଷ ଯୁକ୍ତ-୨ ବାଣିଜ୍ୟରେ ୧୦୦ଧ ବିଦ୍ୟାର୍ଥୀ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡିଛି। ସୁବାସ ଦଳେଇ ୫୪୪ (୯୦.୬୭ ପ୍ରତିଶତ) ରଖି ଜିଲ୍ଲା ଟପ୍ପର ହୋଇଛନ୍ତି। ଚଳିତ ବର୍ଷ ଯୁକ୍ତ-୨ ବାଣିଜ୍ୟରେ ମୋଟ-୯୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୯୪ଜଣ ଛାତ୍ରଛାତ୍ରୀ ଚଳିତ ବର୍ଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୯୪ ଜଣଙ୍କ ମଧ୍ୟରୁ ୬୪ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୨୭ଜଣ ଦ୍ୱିତୀୟ ଓ ୬ଜଣ ତୃତୀୟ ଶ୍ରେଣୀରେ ବିଦ୍ୟାର୍ଥୀ ମାନେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଶ୍ରେଣୀର ୬୧ ଜଣଙ୍କ ମଧ୍ୟରୁ ସୁବାସ ଦଳେଇ ପାଙ୍ଗି-୫୪୪ (୯୦.୬୭ ପ୍ରତିଶତ) ନମ୍ବର ରଖି ବିଦ୍ୟାଳୟରେ ତଥା ଜିଲ୍ଲାରେ ପ୍ରଥମ ହୋଇଛନ୍ତି। ୫୨୨ (୮୭ ପ୍ରତିଶତ) ନମ୍ବର ରଖି ସୁଶାନ୍ତ ଦାଷା ଦ୍ୱିତୀୟ ଓ ହେମାନନ୍ଦ ପୂଜାରୀ ୫୨୦ (୮୬.୬୭ ପ୍ରତିଶତ ) ତୃତୀୟ ସ୍ଥାନ ହାସଲ କରି ଗୋବିନ୍ଦପାଲ୍ଲୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରନାମ ଗୌରବାନ୍ୱିତ କରିଛନ୍ତି। ସେହିପରି ଚଳିତ ବର୍ଷ ଯୁକ୍ତ-୨ ବିଜ୍ଞାନରେ ୮୯.୦୫ ପ୍ରତିଶତ ପାସ ହାର ରହିଛି ଗୋବିନ୍ଦପାଲ୍ଲୀ ଏସ ଏସ ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୩୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ଆବେଦନ କରିଥିବା ବେଳେ କିନ୍ତୁ ୧୩୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ୧୩୭ଙ୍କ ମଧ୍ୟରୁ ୧୨୨ (୮୯.୦୫ଧ) ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି ।ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ୭୯ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଦ୍ୱିତୀୟ ଶ୍ରେଣୀରେ ୩୬ଜଣ ଓ ତୃତୀୟ ଶ୍ରେଣୀରେ ୭ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟରେ ଦେବକୀ ବୁରୁ? ୪୯୫ (୮୨.୦୫ ପ୍ରତିଶତ) ନମ୍ବର ରଖି ପ୍ରଥମ ହୋଇଥିବା ବେଳେ ସଂଜୀବ ମଲଲି ୪୭୩ (୭୮.୮୩ ପ୍ରତିଶତ) ନମ୍ବର୍ ରଖି ବିଦ୍ୟାଳୟରେ ଦ୍ୱିତୀୟ ଓ ବୁଦା ମୁଦୁଲି ୪୬୧ (୭୬.୮୩ ପ୍ରତିଶତ) ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟରେ ଚଳିତ ବର୍ଷ ବାଣିଜ୍ୟ ଓ ବିଜ୍ଞାନରେ ମୋଟ ୨ ଜଣ ପରୀକ୍ଷା ଦେବା ପାଇଁ ଆବେଦନ କରିଥିବା ବେଳେ ୨୧୬ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ବିଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ପ୍ରଥମ ଶ୍ରେଣୀରେ ୧୪୦ , ଦ୍ୱିତୀୟ ଶ୍ରେଣୀରେ ୬୩ ଓ ତୃତୀୟଶ୍ରେଣୀରେ ୧୩ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଗତ ବର୍ଷ ତୁଳନାରେ ଚଳିତ ବର୍ଷ ପ୍ରଥମ ଶ୍ରେଣୀରେ ମାତ୍ରାଧିକ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି ବୋଲି ବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ସ୍ୱର୍ଣ୍ଣକାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

### ବାଣିଜ୍ୟରେ ସୁବାସ ଦଳେଇ ଜିଲ୍ଲା ଟପ୍ପର

### ମା’ର ମୃତ୍ୟୁ ପରେ ବାପା ନିଖୋଜ

# ୪ ଭାଇଭଉଣୀଙ୍କ ଭବିଷ୍ୟତ ଅନିଶ୍ଚିତ, ସରକାରୀ ସହାୟତା ଦାବି



ମୁନିଗୁଡା, ୨୨।୫(ସମିସ): ମା’ର ମୃତ୍ୟୁ ପରେ ବାପା ନିଖୋଜ, ଅନିଶ୍ଚିତତାରେ ଚାରି ଭାଇଭଉଣୀଙ୍କ ଭବିଷ୍ୟତ। ବାତ୍ସଲ୍ୟ ସହାୟତାରୁ ବଞ୍ଚିତ ଅସହାୟ ପରିବାର। ସରକାର ପକ୍ଷରୁ ଅନାଥ ଓ ଅସହାୟ ଶିଶୁମାନଙ୍କ ପାଇଁ ବିଭିନ୍ନ ସହାୟତା ଯୋଜନା ଚାଲୁଥିବା ବେଳେ ରାୟଗଡ଼ ଜିଲ୍ଲା ଆମ୍ବାଦଳା ଇନ୍ଦିରା ସାହିର ଏକ ଅସହାୟ ପରିବାର ଏପର୍ଯ୍ୟନ୍ତ ବାତ୍ସଲ୍ୟ ଯୋଜନାର ସହାୟତାରୁ ବଞ୍ଚିତ ରହିଛି। ବାପା-ମା’ଙ୍କୁ ହରାଇଥିବା ଚାରି ଭାଇଭଉଣୀ ଅତ୍ୟନ୍ତ ଦୟନୀୟ ପରିସ୍ଥିତିରେ ଜୀବନ ବିତାଉଥିବା ବେଳେ ସରକାରୀ ସହାୟତା ପାଇଁ ଦାବି ଜୋର ଧରିଛି। ସୂଚନାନୁସାରେ ୫ ବର୍ଷ ପୂର୍ବେ ପରିବାରର ମା’ ଲାଲି ଗୈତ୍ର କୋରନା ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ। ମା’ଙ୍କ ମୃତ୍ୟୁ ପରେ ପରିବାରଟି କଷ୍ଟରେ ଚାଲୁଥିବା ବେଳେ ବର୍ଷେ ତଳେ ବିଦେଶୀଆ ବାପା ଅର୍ଜୁନ ରାଣା ମଧ ପିଲାମାନଙ୍କୁ ପୋଷି ନପାରି ସେମାନଙ୍କୁ ଛାଡ଼ି କେଉଁଠି ଚାଲିଯାଇଥିବା କୁହାଯାଉଛି। ଫଳରେ ଚାରି ଭାଇଭଉଣୀ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛନ୍ତି। ପରିବାରର ୨୦ ବର୍ଷର ବଡ ପୁଅ ପରିବାର ଚଳାଇବା ପାଇଁ ପାଠପଢ଼ା ଛାଡ଼ି ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଥିବା ବେଳେ ଅର୍ଥାଭାବରୁ ଦୁଇ ଦିବ୍ୟାଙ୍ଗ ଝିଅ ମଧ ଅଧାରୁ ପାଠପଢ଼ା ଛାଡ଼ି ଘରେ ରହିଛନ୍ତି। ପରିବାରର ସବୁଠୁ ସାନ ପୁଅର ପାଠପଢ଼ା, ଦୁଇ ଭଉଣୀଙ୍କ ଚିକିତ୍ସା ଓ ଦୈନନ୍ଦିନ ଖର୍ଚ୍ଚ ସବୁ ବଡ ଭାଇଙ୍କ ଉପରେ ନିର୍ଭର କରୁଛି। ଅଳ୍ପ ବୟସରେ ସମଗ୍ର ପରିବାରର ବୋଝ କାନ୍ଧରେ ନେଇ ସେ ଦାଦନ ଖଟି ପରିବାର ଚଳାଉଥିବାରୁ ପରିବାରଟି ଦୁଃଖ କଷ୍ଟରେ ଦିନ କାଟୁଛି। ଅମ୍ବାଦଳା ପଞ୍ଚାୟତ ଇନ୍ଦିରା ସାହିର ଲାଲି ଗଇତ୍ର ବିହାର ରାଜ୍ୟର ଅର୍ଜୁନ ରାଣା ନାମକ ଜଣେ ଯୁବକଙ୍କୁ ପ୍ରେମ ବିବାହ କରିଥିଲେ। ତାଙ୍କର ଦୁଇ ଝିଅ ଓ ଦୁଇ ପୁଅ ରହିଛନ୍ତି। ସ୍ୱାମୀ-ସ୍ତ୍ରୀ ଉଭୟ ବାହାର ରାଜ୍ୟରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ। ହେଲେ ହଟାତ୍ ଲାଲି କୋରନା ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିଲେ। ଏହାପରେ ସ୍ୱାମୀ ଅର୍ଜୁନ ରାଣା ପରିବାରର ବୋଝ ସହି ନପାରି ଦାଦନ ଖଟିବାକୁ ଯାଉଛି ବୋଲି କହି ଘରୁ ବାହାରିଥିଲେ। ହେଲେ ସେ ଆଜି ପର୍ଯ୍ୟନ୍ତ ଫେରିନଥିବା ବେଳେ ସେ କୁଆଡେ ନିଜ ଗାଁକୁ ଚାଲିଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଭଳି ଭାବରେ ପିଲାମାନଙ୍କୁ ଛାଡ଼ି ଚାଲିଯାଇଥିବା ବାପାଙ୍କୁ ନେଇ ଅଞ୍ଚଳରେ ମଧ ବିଭିନ୍ନ ଚର୍ଚ୍ଚା ହେଉଛି। ସ୍ଥାନୀୟ ଲୋକମାନେ କହିଛନ୍ତି ଯେ, ପରିବାରଟିକୁ ବାତ୍ସଲ୍ୟ ଯୋଜନା ସହ ଅନ୍ୟାନ୍ୟ ସରକାରୀ ସହାୟତା ତୁରନ୍ତ ଯୋଗାଇ ଦିଆଯାଇଲେ ପିଲାମାନଙ୍କ ଭବିଷ୍ୟତ ସୁରକ୍ଷିତ ହୋଇପାରିବ। ଏହି ଅସହାୟ ପରିବାର ପ୍ରତି ପ୍ରଶାସନ ଓ ଶିଶୁ ସୁରକ୍ଷା ବିଭାଗ ତତ୍କାଳ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସାଂସଦଙ୍କ ଜୟପୁର ଆଇଟିଡିଏ, ବ୍ଲକ ପ୍ରତିନିଧି ନିଯୁକ୍ତ

ଜୟପୁର, ୨୨।୫(ସମିସ): କୋରାପୁଟ ଜିଲ୍ଲା ଜୟପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ବିଭାଗର କୋରାପୁଟ ସାଂସଦଙ୍କ ପ୍ରତିନିଧି ଭାବେ ସୁରେଶ କୁମାର ରାଉତ ଏବଂ ଜୟପୁର ବ୍ଲକ ପ୍ରତିନିଧି ଭାବେ ଭାସ୍କର ଚନ୍ଦ୍ର ପଟ୍ଟନାୟକଙ୍କୁ ନିଯୁକ୍ତି କରିଛନ୍ତି। ଏଥିନେଇ ଲୋକସଭା ସାଂସଦ ସପ୍ତଗିରି ଶଙ୍କର ଉଲ୍କା କୋରାପୁଟ ଜିଲ୍ଲାପାଳ, ଜୟପୁର ଆଇଟିଡିଏ ର ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ବିଡିଓଙ୍କୁ ଙ୍କୁ ଲିଖିତ ଭାବେ ଅବଗତ କରିଛନ୍ତି ଯେ, ଶ୍ରୀ ରାଉତ ଏବଂ ଶ୍ରୀ ପଟ୍ଟନାୟକ ଜୟପୁର ଆଇଟିଡିଏ ଏବଂ ବ୍ଲକ ପାଇଁ ସାଂସଦ ପ୍ରତିନିଧି ଭାବେ କାର୍ଯ୍ୟ କରିବେ। ଏହିପରି ଜିଲ୍ଲା ଓ ବ୍ଲକ ସ୍ତରୀୟ ଜୟପୁର ଆଇଟିଡିଏରେ କୌଣସି ବୈଠକରେ ସାଂସକଦଙ୍କ ଅନୁପସ୍ଥିତିରେ ଯୋଗଦେବେ।

## ମାଛ ମାରିବା ବେଳେ ନିଖୋଜ ନାଗେଶଙ୍କ ଶବ ଉଦ୍ଧାର

ନନ୍ଦପୁର,୨୨।୫(ସମିସ): ଗୁରୁବାର ମଧ୍ୟାହ୍ନରେ ଓଡ଼ିଶା ସୀମାନ୍ତ ପେଦା ବାଇଲ ମଣ୍ଡଳ ଅଧୀନସ୍ଥ ମୁସୁଡ଼ି ପୁଟ ଗ୍ରାମ ନାଗେଶ ହନ୍ତାଳ ଭଣଜା ଓ ପୁଅ ସହ ଆନ୍ଧ୍ର ନଦୀ ରେ ମାଛ ଧରିବା ସମୟରେ ଭଣଜା ଓ ପୁଅ ନଦୀ ଭିତରେ ବୁଡ଼ି ଯାଇଥିଲେ। ସେମାନଙ୍କୁ ଉଦ୍ଧାର କରିବାକୁ ଯାଇ ନିଜେ ନଦୀରେ ବୁଡି ନିଖୋଜ ହୋଇ ଯାଇଥଇଲେ। ତେବେ ଶୁକ୍ରବାର ସକାଳୁ ସକାଳୁ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କ ଶବ ଓଡ଼ିଶା ନଦୀ ମୁହାଣରୁ ଉଦ୍ଧାର କରାଯାଇଛି।

## ଘର ଆଗରୁ ଆପାଚି ବାଇକ୍ ଚୋରି

ନନ୍ଦପୁର, ୨୨।୫ (ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ଥାନା ଅଧିନସ୍ଥ ଗୁଣ୍ଡାପୁଟ ଗ୍ରାମରେ ଏକ ବାଇକ୍ ଚୋରି ଘଟଣା ପୁଣି ସାମ୍ନାକୁ ଆସିଛି। ଦୂର୍ଲା ଗ୍ରାମର ସୁରେଶ ମାଝୀ, ରଙ୍ଗ ଶ୍ରମିକ ଗତ ପାଞ୍ଚ ଦିନ ଧରି ଗୁଣ୍ଡାପୁଟ ଗ୍ରାମର ଗୌରୀ ହାନ୍ତଲଙ୍କ ଘରେ ରଙ୍ଗ କାମ କରୁଥିଲେ। ସୂଚନା ଅନୁଯାୟୀ, ଶୁକ୍ରବାର ଭୋର ସମୟରେ ସମସ୍ତେ ଶୋଇଥିବା ବେଳେ ଘର ଦୁଆର ଆଗରେ ରଖାଯାଇଥିବା ସୁରେଶଙ୍କ ଆପାଚେ ବାଇକ୍ (ଓଡି-୧୦-ଏକ୍ସ-୫୮୩୪) କୁ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ଜଣାପଡ଼ିଛି। ଏନେଇ ସେ ନନ୍ଦପୁର ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ଅଭିଯୋଗ ପାଇବା ପରେ ନନ୍ଦପୁର ଥାନା ଅଧିକାରୀ ତ୍ରିନାଥ ତୋଟାପାଡ଼ିଆ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଯଥାଶୀଘ୍ର ଚୋରକୁ ଚିହ୍ନଟ କରି ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

## ମଦ ବନ୍ଦ ପାଇଁ ଅଣ୍ଟା ଭିଡ଼ିଲା ତେନ୍ତୁଳିଖୁଣ୍ଟି ନାରୀ ମହାସଂଘ

# ମହିଳାଙ୍କ ମେଳି; ଦାବିପତ୍ର ପ୍ରଦାନ



ତେନ୍ତୁଳିଖୁଣ୍ଟି,୨୨।୫(ସମିସ): ତେନ୍ତୁଳିଖୁଣ୍ଟି ବ୍ଲକ ନାରୀ ମହାସଂଘ ପକ୍ଷରୁ ବ୍ଲକରେ ସମ୍ପୂର୍ଣ୍ଣ ମଦ ବନ୍ଦ ପାଇଁ ପଦକ୍ଷେପ ଗ୍ରହଣ କରିଛି। ଏହି ଅବସରରେ ହଜାର ସଂଖ୍ୟାରେ ମହିଳା ମାନେ ଏକତ୍ରିତ ହୋଇ ଆଇଆଇସି ତହସିଲଦାର ଓ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ତେନ୍ତୁଳିଖୁଣ୍ଟି ନାରୀ ମହାସଂଘ ର ଆହ୍ୱାନ କ୍ରମେ କୁର୍ମାକୋଟ ନିକଟସ୍ଥ ଆମ୍ବ ବଗିଚା ପରିସରରେ ହଜାର ହଜାର ମହିଳା ଏକତ୍ରିତ ହୋଇ ମଦ ବିରୋଧରେ ଗର୍ଜନ କରିଥିଲେ। ଶେଷରେ ସମସ୍ତ ମହିଳା ଏକ ରାଲି ମାଧ୍ୟମରେ ନଗର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ମଦ ବନ୍ଦ ପାଇଁ ନାରାବାଜି କରିଥିଲେ। ବିଡିଓଙ୍କ ଅନୁପସ୍ଥିତ ଯୋଗୁଁ ଏବିଡ଼ିଓ କୃପାସିନ୍ଧୁ ନାୟକ ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେହିପରି ସ୍ଥାନୀୟ ତହସିଲଦାର ପୁଷ୍ପାଞ୍ଜଳି ଦଣ୍ଡପାଟ,ଆଇଆଇସି ପ୍ରଣବ କୁମାର ଟୁଡୁଙ୍କୁ ତେନ୍ତୁଳିଖୁଣ୍ଟି ବ୍ଲକ୍‌ରେ ସମ୍ପୂର୍ଣ୍ଣ ମଦ ବନ୍ଦ ପାଇଁ ୬ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ଅବକାରୀ ନିୟମକୁ ଉଲ୍ଲଂଘନ କରି ତେନ୍ତୁଳିଖୁଣ୍ଟି ବ୍ଲକ୍ ବିଭିନ୍ନ ଅଞ୍ଚଳରେ ଚାଲୁଥିବା ଦେଶୀ ଓ ବିଦେଶୀ ମଦ ସାଙ୍ଗକୁ ମଦ ଭାଟି ବନ୍ଦ କରି ଏଥିରେ ସମ୍ପୃକ୍ତ ମଦ ମାଫିଆଙ୍କୁ ତୁରନ୍ତ ଗିରଫ, ମଦ୍ୟପାନ କରି ଗାଁ ରେ ଅଶାନ୍ତି ସୃଷ୍ଟି କରୁଥିବା ମଦ୍ୟପ ମାନଙ୍କୁ ସ୍ଥାନୀୟ ସ୍ୱୟଂ ସହାୟକ ମହିଳା ଓ ନାରୀ ମହାସଂଘ ଦ୍ୱାରା ଚିହ୍ନଟ କରି ଗିରଫ କରିବା, ତେନ୍ତୁଳିଖୁଣ୍ଟି ବ୍ଲକ ରେ ନିଶାମୁକ୍ତ ମଦମୁକ୍ତ ଅଭିଯାନକୁ ସୁଦୃଢ଼ କରିବା ପାଇଁ ନାରୀ ମହାସଂଘ ଓ ପୁଲିସ ବିଭାଗ ଦ୍ୱାରା ଏକ କମିଟି ଗଠନ କରିବା ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି। ମଦ ବିରୋଧୀ ମଞ୍ଚ, ଜିଲ୍ଲା ନାରୀ ମହାସଂଘ ଉପଦେଷ୍ଟା ରାଜେଶ ଜାନି, ଓଡିଶା କୃଷକ ସଙ୍ଘ ସଦସ୍ୟ ଦେବରାଜ ନାଗ, ଜିଲ୍ଲା ପେନସନଧାରୀ ମହାସଂଘ ସଂଗଠକ ଦୟାନିଧି ସୁନା, ଆଦିବାସୀ ଅଧିକାର ମଞ୍ଚ ଉପଦେଷ୍ଟା ହାରାବତୀ ଗଣ୍ଡ, ମଦ ମୁକ୍ତ ନାରୀ ମହାସଂଘ ଜିଲ୍ଲା ଶୋଭାନେତ୍ରୀ ପାର୍ବତୀ ଦୁରିଆ, ବ୍ଲକ ମଦମୁକ୍ତ ଶୋଭାନେତ୍ରୀ ଶ୍ରୀମତୀ ଭତରାଙ୍କ ତତ୍ତ୍ୱାବଧାନରେ ତେନ୍ତୁଳିଖୁଣ୍ଟି ବ୍ଲକ୍ ସାଙ୍ଗକୁ ଉମକୋଟ, ଚନ୍ଦାହାଣ୍ଡି, ଝରୀଗାଁ,ପାପଡାହାଣ୍ଡି ଆଦି ବିଭିନ୍ନ ବ୍ଲକର ହଜାର ସଂଖ୍ୟାରେ ମହିଳା ଆଜିର ମଦମୁକ୍ତ ଅଭିଯାନରେ ସାମିଲ ହୋଇଥିଲେ।

## ମଦ ବନ୍ଦ ପାଇଁ ମହିଳାଙ୍କ ରାସ୍ତାରୋକ



ପାପଡାହାଣ୍ଡି,୨୨।୫(ସମିସ): ପାପଡାହାଣ୍ଡି ବ୍ଲକର ଚାରିଗୋଟି ଗ୍ରାମର ମହିଳା ଦେଶୀମଦ ଭାଟି ବନ୍ଦ ସହ ବେଆଇନ ମଦ ବିକ୍ରି ବନ୍ଦ ନେଇ ଆଜି ରାସ୍ତା ଅବରୋଧ କରିବା ସହ ମଦ ଭାଟି ଘେରାଉ କରାଯାଇଛି। ଡୁମ୍ବର୍ଲା, ଧନସୁଲି, ହିର୍ଲି ଓ ଗୋବର୍ଲା ଗ୍ରାମର ଶତାଧିକ ମହିଳା ଏଥିରେ ସାମିଲ ହୋଇଥିଲେ। ମହିଳା ମାନେ ଧନସୁଲି ନିକଟରେ ଜାତୀୟ ରାଜପଥ ୨୬କୁ ଅବରୋଧ କରିଥିଲେ। ଖବର ପାଇ ପାପଡାହାଣ୍ଡି ଓ ମଇଦଲପୁର ପୋଲିସ ସହ ଅବକାରୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ବୁଝାସୁଝା କରିବା ପରେ ମହିଳା ମାନେ ରାସ୍ତାରୋକରୁ ହଟିଥିଲେ। ପରେ ଧନସୁଲି ମଦ ଭାଟି ସମ୍ମୁଖରେ ଧାରଣା ଦେଇଥିଲେ। ଧନଶୂଳି ଠାରେ ଥିବା ସରକାରୀ ଲାଇସେନ୍ସ ପ୍ରାପ୍ତ ମଦ ଦୋକାନକୁ ବନ୍ଦ ସହ ଗ୍ରାମରେ ବେଆଇନ ବିକ୍ରି ହେଉଥିବା ମଦ ବନ୍ଦ ପାଇଁ ଦାବି କରିଥିଲେ। ପୂର୍ବରୁ ଏ ନେଇ ଜିଲ୍ଲାପାଳ ସହ ଅଧିକାରୀମାନଙ୍କୁ ଅବଗତ କରାଯିବା ପରେ ବି କୌଣସି ସମାଧାନ ନ କରାଯିବାରୁ ମହିଳା ମାନେ ତାତି ଯାଇଥିଲେ। ଏହା ପରେ ଏସ୍‌ଡିପିଓ ସତ୍ୟଜିତ କାଣ୍ଡେଲକଲ, ପାପଡାହାଣ୍ଡି ଥାନା ଅଧିକାରୀ ଉମେଶ ନାୟକ, ମଇଦଳପୁର ଥାନା ଅଧିକାରୀ ଯୁଗଳ ଶବର, ଅବକାରୀ ଅଧିକାରୀ ସମୀର ସ୍ୱାଇଁ ପ୍ରମୁଖ ମହିଳାମାନଙ୍କୁ ବୁଝାଇବା ସହ ଲାଇସେନ୍ସ ପ୍ରାପ୍ତ ଭାଟିକୁ ବନ୍ଦ କରିବା ସେମାନଙ୍କ କ୍ଷମତା ନ ଥିବା କହିଥିଲେ। ଏ ନେଇ ଜିଲାପାଳ ଓ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିବା ଲାଗି ପରାମର୍ଶ ଦେବା ପରେ ମହିଳା ମାନେ ଭାଟି ନିକଟରୁ ଧାରଣାରୁ ହଟିଥିଲେ। ଆସନ୍ତା ସୋମବାର ଏ ନେଇ ମହିଳା ମାନେ ଜିଲ୍ଲାପାଳଙ୍କୁ ଜଣାଇବା ଲାଗି ନିଷ୍ପତି ନେଇଛନ୍ତି।

**● ଗାଁକୁ ପଶି ଆସିଥିଲା ଭାଲୁ**

## ଗୋଡ଼ାଇଲେ ଲୋକେ, ଧାଇଁଲା ଭାଲୁ



ତେନ୍ତୁଳିଖୁଣ୍ଟି,୨୨।୫(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକର ବିଭିନ୍ନ ଗ୍ରାମରେ ଦିନ ସମୟରେ ଭାଲୁ ଗାଁ ମୁହାଁ ହେଉଥିବା ଦେଖିବାକୁ ମିଳୁଛି। ଶୁକ୍ରବାର ଭାଲୁ ଅପରାହ୍ନ ପ୍ରାୟ ୫ଟା ସମୟରେ ସ୍ଥାନୀୟ ଗୌଡ଼ଗୁଡା ଗ୍ରାମକୁ ପଶି ଆସିଥିଲା। ଭାଲୁକୁ ଦେଖି ଶତାଧିକ ଲୋକ ଏକତ୍ରିତ ହୋଇ ଭାଲୁକୁ ଗୋଡ଼ାଇଥିଲେ। ଭାଲୁ ଭୟଭୀତ ହୋଇ ଜମି ମଧ୍ୟ ଦେଇ ଦୌଡ଼ି ଥିଲା। ଜଙ୍ଗଲ ନଷ୍ଟ ତଥା ଖାଦ୍ୟ ଅଭାବ ହେତୁ ଭାଲୁ ଗାଁ ମୁହାଁ ହେଉଥିବା ଚର୍ଚ୍ଚା ହେଉଛି। ଭାଲୁ କୁ ଦେଖି ଲୋକେ ଭୟଭୀତ ମଧ୍ୟ ହେଉଛନ୍ତି। ଏହିଭଳି ଘଟଣା ଲାଗିରହିଲେ ଭାଲୁ ହିଂସ୍ର ଆଡକୁ ଗତି ମଧ୍ୟ କରିପାରେ ବୋଲି ଆଲୋଚନା ହେଉଛି। ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଲୋକଙ୍କୁ ସଚେତନ କରିବା ସହ ଭାଲୁର ଗତିବିଧି ଉପରେ ସ୍ୱତନ୍ତ୍ର ନଜର ରଖିଲେ ଅଘଟଣ ଆଶଙ୍କାକୁ ଏଡାଇ ଦିଆଯାଇପାରେ ବୋଲି ଆଲୋଚନା ହେଉଛି।

## ଦୁର୍ଘଟଣାରେ ଶିକ୍ଷକ ମୃତ

ବୈପାରିଗୁଡା,୨୨।୫(ସମିସ): ବୈପାରିଗୁଡା ସଦରମହକୁମାର ଅନ୍ତର୍ଯ୍ୟାମୀ ସାହୁ (୪୯) ପେଶାରେ ଜଣେ ଶିକ୍ଷକ। ସ୍ୱର୍ଗତ ସାହୁ ବୈପାରିଗୁଡା ବ୍ଲକ ଅନ୍ତର୍ଗତ କୋଲାର ପଞ୍ଚାୟତର ହାତିପାଖନା ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରିଆସୁଥିଲେ। ଗତକାଲି ୧୦ଟା ବେଳେ ନିଜ ବ୍ୟକ୍ତିଗତ କାମରେ କୋରାପୁଟ ଆରଟିଓ କାର୍ଯ୍ୟାଳୟ ଯିବାପାଇଁ ନିଜ ବାଇକରେ ବାହାରିଥିଲେ। କୋରାପୁଟ ରାସ୍ତାର ଦେଓଘାଟି ନିକଟସ୍ଥ ପେଟ୍ରୋଲ ପମ୍ପ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ନାଲି ରଙ୍ଗର କାର୍ ଶିକ୍ଷକ ସାହୁଙ୍କ ବାଇକକୁ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟିବା ଦେଖି ପଥଚାରୀ ଆମ୍ବୁଲାନ୍ସ ଯୋଗେ ତାଙ୍କୁ କୋରାପୁଟ ମେଡିକାଲ କଲେଜକୁ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସ୍ୱର୍ଗତ ଶ୍ରୀ ସାହୁଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବାରୁ କୋରାପୁଟ ମେଡିକାଲ କଲେଜର ଡାକ୍ତର ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରିଥିଲେ। ବିଶାଖାପାଟଣାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

## ଯୁବକଙ୍କ ଆତ୍ମହତ୍ୟା

ପାପଡାହାଣ୍ଡି, ୨୨।୫(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଟେରଟେଟା ଗ୍ରାମପଞ୍ଚାୟତ ଅନ୍ତର୍ଗତ କର୍ତ୍ତିୟାଗୁଡା ଗ୍ରାମରେ ବେକରେ ଦଉଡି ଦେଇ ଯୁବକ ଆତ୍ମହତ୍ୟା କରିଛନ୍ତି। ଯୁବକ ଜଣଙ୍କ ହରିସିଂଘ ଭତରା ବୋଲି ଜଣାପଡିଛି। କର୍ତ୍ତିୟାଗୁଡା ଗ୍ରାମର ହରିସିଂଘ ଭତରା (୪୫) ନିଜ ସ୍ତ୍ରୀ ସହ ପାରିପାରିବ କଳହ ଲାଗି ରହିଥିଲା. ମାନସିକ ଭାରସାମ୍ୟ ହରାଇ ହରିସିଂଘ ଘର ନିକଟରେ ରହିଥିବା ଏକ ଗମ୍ଭାରୀ ଗଛ ରେ ବେକ ରେ ଦୌଡ଼ି ଲଗାଇ ଆ।ହତ୍ୟା କରିଥିଲେ

## ଯୁକ୍ତ +୨ ପରୀକ୍ଷାରେ କୃତିତ୍ୱ ହାସଲ କଲେ ଭିନ୍ନକ୍ଷମ ଛାତ୍ରୀ ଶ୍ରୁତି ପଣ୍ଡା



କୋଟପାଡ଼, ୨୨।୫ (ସମିସ): କୋରାପୁଟ ଜିଲ୍ଲା କୋଟପାଡ ସହରର ଭିନ୍ନକ୍ଷମ ଛାତ୍ରୀ ଶ୍ରୁତି ପଣ୍ଡା। ସେ ପ୍ରମାଣ କରିଛନ୍ତି ଯେ ଶାରୀରିକ ଚ୍ୟାଲେଞ୍ଜ ଗୁଡ଼ିକ ମାନବ ସମ୍ଭାବନାକୁ ସୀମିତ କରିପାରିବ ନାହିଁ। ତାଙ୍କର ସଫଳତା ଏକ ଦୃଢ଼ ବାର୍ତ୍ତା ପଠାଏ ଯେ ଶାରୀରିକ ଅକ୍ଷମତା ଜଣେ ଛାତ୍ରୀଙ୍କ ସମ୍ଭାବନା କିମ୍ବା ସଫଳ ହେବାର କ୍ଷମତାକୁ ଅଟକାଇ ପାରେ ନାହିଁ। ତାଙ୍କର ଉତ୍ସର୍ଗ ଏବଂ ଦୃଢ଼ ନିଷ୍ଠା ସମସ୍ତ ଶିକ୍ଷାର୍ଥୀଙ୍କ ପାଇଁ ଏକ ମୂଲ୍ୟବାନ ଶିକ୍ଷା ଭାବରେ କାର୍ଯ୍ୟ କରେ। ଶ୍ରୁତିଙ୍କ ସଫଳତା ଅଞ୍ଚଳରେ ବ୍ୟାପକ ଆନନ୍ଦ ଆଣି ଦେଇଛି। ତାଙ୍କ କାହାଣୀକୁ ସାହସ, ସ୍ଥିରତା ଏବଂ କାର୍ଯ୍ୟରେ ଅନ୍ତର୍ଭୁକ୍ତ ଶିକ୍ଷାର ଏକ ଶକ୍ତିଶାଳୀ ଉଦାହରଣ ଭାବରେ ଦେଖାଯାଉଛି। ଆଇନଜୀବୀ ଶଙ୍କର ପ୍ରସାଦ ପଣ୍ଡା ଓ ସ୍ୱାସ୍ଥ୍ୟ କର୍ମୀ ସଂଘମିତ୍ରା ପଣ୍ଡାଙ୍କ ଜ୍ୟେଷ୍ଠା କନ୍ୟା ଶ୍ରୁତି ପଣ୍ଡା। ଜନ୍ମରୁ ଭିନ୍ନକ୍ଷମ ହୋଇ ନିଜ ଗୋଡ଼ରେ ଚାଲି ପାରୁନଥିବା, ଯୁକ୍ତ ଦୁଇ+୨ ପରୀକ୍ଷାରେ ୭୦ ପ୍ରତିଶତ ମାର୍କ ରଖି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ନିଜର ପାଠପଢ଼ା ସିଦ୍ଧାର୍ଥ ଇଂରାଜୀ ମାଧ୍ୟମ ବିଦ୍ୟାଳୟରୁ ଆରମ୍ଭ କରିଥିଲେ। ନିଜ ଗୋଡ଼ରେ ଚାଲି ପାରୁନଥିବା ଯୋଗୁଁ ବାପା ଓ ମାଙ୍କ ସହାୟତାରେ ବିଦ୍ୟାଳୟକୁ ସବୁଦିନ ଯାଉଥିଲେ। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟରେ ଭଲ ନଂ ରଖି ଉତୀର୍ଣ୍ଣ ହୋଇଥିଲେ। ପରବର୍ତୀ ସମୟରେ କୋଟପାଡ଼ ଏସଏସଡ଼ି ବିଦ୍ୟାଳୟରେ +୨ ରେ ପାଠ ପଢି ବିନା ଟିଉସନ୍ ଓ ନିଜ ଚେଷ୍ଟାରେ ଘରେ ବସି ୟୁଟବ୍ ଦେଖି ନିଜ ଶୈଳୀରେ ପାଠପଢି ପରୀକ୍ଷାରେ ୭୦ ପ୍ରତିଶତ ମାର୍କ, ସମୁଦାୟ ୬୦୦ରୁ ୪୧୮ ନମ୍ବର ରଖିଛନ୍ତି। ସେ ଭିନ୍ନକ୍ଷମ ହେଲେ ବି ପାଠ ପଢ଼ିବା ଇଚ୍ଛାଶକ୍ତି, ନିଜସ୍ୱ ପରିଶ୍ରମ ଓ ବାପା ମା'ଙ୍କ ସ୍ନେହଶ୍ରଦ୍ଧା ସହ ସହରବାସୀଙ୍କ ଭଲ ପାଇବା ଏବଂ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସ୍ନେହଶ୍ରଦ୍ଧା ସହ ଶିକ୍ଷାଦାନ ତାଙ୍କୁ ଏହି ସ୍ତରରେ ପହଞ୍ଚାଇଛି। ଶ୍ରୁତି ପଣ୍ଡା ଏହି ସଫଳତାରେ ଅଞ୍ଚଳର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ବୁଦ୍ଧିଜୀବୀ, କୋଟପାଡ଼ ଓକିଲ ସଙ୍ଘ ଓ ସମସ୍ତ ସାମ୍ବାଦିକ ବନ୍ଧୁ ମାନଙ୍କ ପକ୍ଷରୁ ପ୍ରଶଂସାର ସୁଅ ଛୁଟି ଥିବାର ଦେଖିବାକୁ ମିଳିଛି।

## କାଳବୈଶାଖୀରେ ଉଡିଲା ଦୁଇ ଘର ଛାତ

**■ ସରକାରୀ ସହାୟତା ଅପେକ୍ଷାରେ ଦୁଇ ପରିବାର**



ପାପଡାହାଣ୍ଡି,୨୨।୫(ସମିସ): ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ଆଜି ଦ୍ୱିପହର ସମୟରେ କାଳ ବୈଶାଖୀ ପ୍ରଭାବରେ ବର୍ଷା ପବନ ହେବା ଯୋଗୁଁ ଦୁଇ ପରିବାର ଘର ଛାତ ସମ୍ପୂର୍ଣ୍ଣ ଉଡାଇ ନେଇଛି। ବର୍ତ୍ତମାନ ଦୁଇ ପରିବାର ନିରୁପାୟ ହୋଇ ସରକାରୀ ସହାୟତା ଅପେକ୍ଷାରେ ଜଗି ରହିଛନ୍ତି। ବର୍ତ୍ତମାନ ସୁଦ୍ଧା କୌଣସି ପ୍ରଶାସନିକ ଅଧିକାରୀ ପହଞ୍ଚି ପାରି ନାହାନ୍ତି। ସୂଚନା ଅନୁଯାୟୀ ଆଜି ଦିନ ଦ୍ୱିପହର ସମୟରେ କାଳବୈଶାଖୀ ପ୍ରଭାବରେ ବର୍ଷା ପବନ ବୋହିଥିଲା। ପବନ ବେଗ ଅଧିକ ରହିଥିବା ହେତୁ ପାପଡାହାଣ୍ଡି ଗ୍ରାମ ବନ୍ଦଡେପ ସାହିରେ ରହିଥିବା ଲିଲି ଲିଶା ନାୟକଙ୍କ ତିନି ବଖରା ଟିଣ ଛପର ଛାତ ଓ ସୁମନ୍ତ ସମୃଆଙ୍କ ଚାରି ବୋଖରା ଛାତରୁ ଗୋଟିଏ ବଖରା ଟିଣ ଛପର ଛାତ ଉଡେଇ ଦେଇଛି। ଏହି ଦୁଇ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର। ଲୋକେ କୁଲି ମଜୁରୀ କରି ନିଜ ପରିବାର ପ୍ରତିପୋଷଣ କରନ୍ତି। ଏଣୁ ଦୁଇ ପରିବାର ଏବେ ଚିନ୍ତାରେ ପଡିଛନ୍ତି। ଉଭୟ ପରିବାର ସରକାରୀ ସହାୟତା ଅପେକ୍ଷାରେ ରହିଛନ୍ତି। ଉଭୟ ପରିବାରକୁ ସରକାର ନିୟମ ଅନୁଯାୟୀ ଆର୍ଥିକ ସହାୟତା ଯୋଗାଇ ଦେବା ସହ ଆବାସ ଯୋଜନାରେ ସାମିଲ କରିବାକୁ ସାହି ବାସିନ୍ଦା ଦାବି କରିଛନ୍ତି। ସେହିଭଳି ଭାବେ ପାପଡାହାଣ୍ଡି ପଞ୍ଚାୟତ ଅନ୍ତର୍ଗତ ଦୋକ୍ରିବେଡା ଗ୍ରାମର ବୁମର ଯାନୀଙ୍କ ଘର ଉପରେ ଗଛ ପଡି ଘର କ୍ଷତିଗ୍ରସ୍ତ ହୋଇଛି।

## ଗଣେଶଙ୍କୁ ସମ୍ବର୍ଦ୍ଧିତ କଲେ ଗ୍ରାମବାସୀ



କୋରୁକୋଣ୍ଡା,୨୨।୫(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସୋମନାଥପୁର ଗ୍ରାମପଞ୍ଚାୟତ ଅଧୀନ ଆପନମାଳା ଗ୍ରାମର ଭଗବାନ ମୁଦୁଲି ଓ ସରୋଜିନୀ ମୁଦୁଲିଙ୍କ ପୁତ୍ର ଗଣେଶ ମୁଦୁଲି ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ୫୪୦ମାର୍କ ଯାହାକି ୯୦ ପ୍ରତିଶତ ରଖି ଉତ୍ତୀର୍ଣ୍ଣ ହୋଇ ପଞ୍ଚାୟତ ସମେତ ଗ୍ରାମ ପାଇଁ ଗର୍ବ ଆଣିଛନ୍ତି। ଗ୍ରାମବାସୀ ଏକ ବୈଠକ ଡାକି ଉତ୍ତରୀୟ ସହିତ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇ ଥିଲେ। ଆଗାମୀ ଦିନରେ ଅଞ୍ଚଳର ଅନ୍ୟ ଛାତ୍ର ଛାତ୍ରୀଙ୍କୁ ପ୍ରେରଣା ଯୋଗାଇବ ବୋଲି ବୈଠକରେ ଉପସ୍ଥିତ ଥିବା ଏମଭି-୩୬ ଗ୍ରାମର ଶିକ୍ଷକ ଆନନ୍ଦ ମଣ୍ଡଳ, ଗଣେଶ ଶିସା, ବିଶ୍ୱନାଥ ମୁଦୁଲି, ବିଷ୍ଣୁ ମୁଦୁଲିଙ୍କ ସମେତ ଅନ୍ୟ ଗ୍ରାମବାସୀ କହିଥିଲେ। ଗଣେଶ ପ୍ରଥମେ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ ପଢିଥିବା ବେଳେ ସପ୍ତମ ଶ୍ରେଣୀ ଠାରୁ ଏମଭି-୭ ଜଗନ୍ନାଥ ପାଲ୍ଲି ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଅଧୟନ କରିଥିଲେ ବୋଲି ଗଣେଶଙ୍କ ବାପା ଶ୍ରୀ ମୁଦୁଲି କହିଥିଲେ।

## ବରିଷ୍ଠ ନାଗରିକ କଲ୍ୟାଣ ସମିତିର ସ୍ୱତନ୍ତ୍ର ବୈଠକ



ଜୟପୁର ୨୨।୫(ସମିସ): ଜୟପୁର ବରିଷ୍ଠ ନାଗରିକ କଲ୍ୟାଣ ସମିତିର କାର୍ଯ୍ୟାଳୟ ଠାରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ସମିତିର ସଭାପତି କିଶୋର ଚନ୍ଦ୍ର ହୋତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପସଭାପତି ପ୍ରମୋଦ ପଣ୍ଡା ଓ ଶଙ୍କର୍ଷଣ ମିଶ୍ର ଏବଂ ସମ୍ପାଦକ ରାମଚନ୍ଦ୍ର ହୋତା ମଞ୍ଚାସୀନ ଥିଲେ। ସଭାପତିଙ୍କ ସ୍ୱାଗତ ଭାଷଣ ପରେ ସ୍ୱର୍ଗତ ବିଜୟ କୁମାର ପଟ୍ଟନାୟକଙ୍କ ପରଲୋକ ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସମିତିର ସଭାଗୃହ ଉନ୍ନତିକରଣ, ସଭ୍ୟବୃଦ୍ଧି ଓ ଅଧିକ ସଂଖ୍ୟାରେ ଉପସ୍ଥାନ ପାଇଁ ଆଲୋଚନା ହୋଇଥିଲା। ସମ୍ପାଦକ ମାସିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ନାଗରିକ ମାନଙ୍କ ସୁବିଧା ଅସୁବିଧାକୁ ନେଇ ମତ ପ୍ରକାଶ ପାଇଥିଲା। ଏହି ବୈଠକରେ ଖଲି ପଟ୍ଟନାୟକ, ଚନ୍ଦ୍ରଶେଖର ନାୟକ, ସୁବାଷ ଚନ୍ଦ୍ର ହୋତ, ବାବାଜୀ ଚନ୍ଦ୍ର ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ହୋତା, ଚନ୍ଦ୍ରକାନ୍ତ ସୁତାର ଏବଂ ଅନ୍ୟାନ୍ୟ ସଦସ୍ୟ ମାନେ ଉପସ୍ଥିତ ରହିଥିଲେ। ଶେଷରେ ବରିଷ୍ଠ ସଦସ୍ୟ ଶିବଶଙ୍କର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

**● କଫି ରୋପଣ ଋତୁ ପାଇଁ ପ୍ରସ୍ତୁତି**

## ବୈଜ୍ଞାନିକ ପଦ୍ଧତିରେ କଫି ଚାଷ ତାଲିମ କାର୍ଯ୍ୟକ୍ରମ



ପୋଡ଼ାଗଡ ୨୨।୫(ସମିସ): ଡିଡିସିଡି କର୍ମଚାରୀ, କଫି ଚାଷୀ ଏବଂ କ୍ଷେତ୍ର କର୍ମଚାରୀଙ୍କ ପାଇଁ ବୈଜ୍ଞାନିକ କଫି ଚାଷର ତାତ୍ତ୍ୱିକ ଏବଂ ବ୍ୟବହାରିକ ଦିଗ ଉପରେ ଏକ କ୍ଷମତା ନିର୍ମାଣ ଏବଂ ବ୍ୟବହାରିକ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ତାଲିମ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଗ୍ରାମାଞ୍ଚଳରେ ବୈଜ୍ଞାନିକ କଫି ଚାଷକୁ ପ୍ରୋତ୍ସାହିତ କରିବା, ଚାଷୀଙ୍କ ଆୟ ବୃଦ୍ଧି କରିବା ଏବଂ କଫି ଉତ୍ପାଦନର ଗୁଣବତ୍ତା ଉନ୍ନତ କରିବା। ଏହି ତାଲିମ ଶିବିରରେ କଫି ଚାଷ ପାଇଁ ଉପଯୁକ୍ତ ଜମି ଚୟନ, ଗାତ ଖୋଳିବା, ଛାଇ ଗଛର ଗୁରୁତ୍ୱ, ବୈଜ୍ଞାନିକ ରୋପଣ ପଦ୍ଧତି, ଜୈବିକ ସାର ବ୍ୟବହାର, ଜଳ ସଂରକ୍ଷଣ, ମୃତ୍ତିକା ସଂରକ୍ଷଣ ଏବଂ ରୋଗ ଓ କୀଟ ନିୟନ୍ତ୍ରଣ ଭଳି ବିଭିନ୍ନ ବିଷୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଶେଷଜ୍ଞମାନେ ବ୍ୟାଖ୍ୟା କରିଥିଲେ ଯେ ବୈଜ୍ଞାନିକ କଫି ଚାଷ କେବଳ ଉତ୍ପାଦନ ବୃଦ୍ଧି କରିବ ନାହିଁ ବରଂ କଫି ଗୁଣବତ୍ତା ମଧ୍ୟ ଉନ୍ନତ କରିବ ଏବଂ ଆନ୍ତର୍ଜାତୀୟ ବଜାରରେ ଏହାର ଚାହିଦା ବୃଦ୍ଧି କରିବ। ଏହି ଅବସରରେ ଚାଷୀମାନଙ୍କୁ କଫି ରୋପଣ ପ୍ରକ୍ରିୟାର ବ୍ୟବହାରିକ ପ୍ରଦର୍ଶନ ମଧ୍ୟ ଦିଆଯାଇଥିଲା। ରୋପଣ ଦୂରତା, ମାଟିର ଆର୍ଦ୍ରତା ବଜାୟ ରଖିବା ଏବଂ ଉପଯୁକ୍ତ ଉଦ୍ଭିଦ ଯତ୍ନ ଭଳି ବିଷୟ ଉପରେ କ୍ଷେତ୍ରସ୍ତରୀୟ ତାଲିମ ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷକମାନେ ଚାଷୀମାନଙ୍କୁ ସୂଚନା ଦେଇଥିଲେ ଯେ ସ୍ଥାୟୀ କୃଷି ପଦ୍ଧତି ଏବଂ ପରିବେଶ ସୁରକ୍ଷା ଗ୍ରହଣ କରିବା ସହିତ କଫି ଚାଷ ଦୀର୍ଘକାଳୀନ ଲାଭ ପ୍ରଦାନ କରିପାରିବ। କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ କହିଥିଲେ ଯେ କୋରାପୁଟ ଦଶମନ୍ତପୁର ଆଦି ଆଖପାଖ ଆଦିବାସୀ ଅଞ୍ଚଳର ଚାଷୀମାନଙ୍କ ପାଇଁ କଫି ଚାଷ ଏକ ଆର୍ଥିକ ଉତ୍ସ ପାଲଟିଛି। ରାଜ୍ୟ ସରକାର ଏବଂ ବିଭିନ୍ନ ସଂଗଠନର ସମର୍ଥନରେ, ଚାଷୀମାନଙ୍କୁ ଉନ୍ନତ ଗଛ, ତାଲିମ ଏବଂ ବୈଷୟିକ ସହାୟତା ଯୋଗାଇ ଦିଆଯାଉଛି। ଏହିପରି ତାଲିମ କାର୍ଯ୍ୟକ୍ରମ ଚାଷୀଙ୍କ ମଧ୍ୟରେ ନୂତନ ଆତବିଶ୍ୱାସ ସୃଷ୍ଟି କରୁଛି ଏବଂ ଭବିଷ୍ୟତ ରେ କଫି ଉତ୍ପାଦନ ବୃଦ୍ଧି ରେ ସହାୟକ ହେବ।

## ସିପିଆଇ ଜିଲ୍ଲା ପରିଷଦ ବୈଠକ

# କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ବିରୋଧ



ଜୟପୁର, ୨୨।୫(ସମିସ) : ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର କୋରାପୁଟ ଜିଲ୍ଲା ପରିଷଦ ବୈଠକ ଆଜି ସ୍ଥାନୀୟ ଯାଦବ ଭବନ ଠାରେ ଆୟୋଜିତ ହେଉଛି। ବରିଷ୍ଠ ସିପିଆଇ ନେତା ଯୁଧିଷ୍ଠିର ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ସମ୍ପାଦକ ରାମକୃଷ୍ଣ ଦାସ ଜିଲ୍ଲାର ପାର୍ଟି ସଦସ୍ୟ ନବୀକରଣ ସହ ନୂତନ ଶାଖା ଗଠନ ଓ ଆନ୍ଦୋଳନ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଏହି ବୈଠକରେ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରମୋଦ କୁମାର ମହାନ୍ତି ଯୋଗଦେଇ ଦିଲ୍ଲୀ ଠାରେ ଅନୁଷ୍ଠିତ ହୋଇଥିବା ଜାତୀୟ ପରିଷଦର ନିଷ୍ପତ୍ତି ସମ୍ବନ୍ଧରେ ସୂଚନା ଦେଇଥିଲେ। ଦଳର ସାଂଗଠନିକ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରି ଜନ ଆନ୍ଦୋଳନ ସଂଗଠିତ କରିଯାଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ବିରୋଧି ନୀତିକୁ ବିରୋଧ କରାଯାଇ ପ୍ରତିବାଦ ତୀବ୍ର କରାଯିବ। ଦେଶରେ ଆବଶ୍ୟକ ସାମଗ୍ରୀର ଦରଦାମ୍ ବୃଦ୍ଧି , ବିଭିନ୍ନ ବିଭାଗରେ ଦୁର୍ନିତୀ ବ୍ୟାପକ ଭାବେ ବୃଦ୍ଧି ପାଇଛି। ସେହିପରି ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଭୁଷୁଡି ପଡିଛି, ଦିବସରେ ହତ୍ୟା, ନାରୀ ନିର୍ଯ୍ୟାତନା ଏଙ୍ଗ ରାହାଜାନୀ ଦିନକୁ ଦିନ ବୃଦ୍ଧି ପାଉଛି। ସେହିପରି ସରକାର ଦେଶର ପୁଞ୍ଜିପତିଙ୍କ ସପକ୍ଷରେ ରହି ଆଦିବାସୀ ଓ ଗରୀବ ଲୋକଙ୍କ ଜମି, ଜଳ, ଜଙ୍ଗଲ ର ଅଧିକାର ଛଡେଇ ନେଇଛନ୍ତି। ଜୟପୁର ସେୱା ପେପର ମିଲ ପୁନଃକାର୍ଯ୍ୟକ୍ଷମ ନେଇ ଆସନ୍ତା ଶନିବାର ଏକ ଆଲୋଚନା ଚକ୍ର ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କ ଆହ୍ୱାନ କ୍ରମେ ସର୍ବଦଳୀୟ ବୈଠକ ମାଧ୍ୟମରେ ଅନୁଷ୍ଠିତ ହେବାକୁ ନେଇ ଏହି ପରିଷଦ ବୈଠକରେ ସ୍ୱାଗତ କରାଯାଇଛି। ଏହି ସେୱା କାଗଜ କଳକୁ ପୁନରୁଦ୍ଧାର, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦପୁରୁଷ ବିଜୁ ବାବୁଙ୍କ ଅବଦାନ ସ୍ମୃତି ଚାରଣ କରାଯାଇଥିଲା। ସେହିପରି ଆଗାମୀ ଜୁନ ୪ରୁ ୧୦ ତାରିଖ ପର୍ଯ୍ୟନ୍ତ ଦଳୀୟ ଶିକ୍ଷା ଶିବିରରେ ଜିଲ୍ଲାରୁ ୩ ଜଣ ସଦସ୍ୟ ଯୋଗ ଦେବେ ଏବଂ ଆସନ୍ତା ଅଗଷ୍ଟ ୬ରୁ ୧୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ଜୋନ୍ ଓ ଶାଖାରେ ପଦଯାତ୍ରା ମାଧ୍ୟମରେ ସମ୍ବିଧାନ ସୁରକ୍ଷା ଓ ବିଜେପି, ଆର୍‌ଏସ୍‌ଏସ୍‌ର ବିଭାଜନକାରୀ ନିତୀ ବିରୋଧରେ ଜନ ଜାଗରଣ ସୃଷ୍ଟି କରାଯିବ ବୋଲି ସୂଚନା ଦିଆଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଦସ୍ୟ ଉତ୍ତମ ମଲ୍ଲିକ, ନନ୍ଦ ହରିଜନ, ସୁନୀତା ନାଗ, ପୂର୍ଣ୍ଣ ଚନ୍ଦ୍ର ସୁରୁ, କୁରୁମନାଥ ଭତରା, ପବନ ମହୁରିଆ ପ୍ରମୁଖ ଉପସ୍ଥିତ ଥିଲେ।

# ପାଚିକା ସହାୟିକା ସଂଘର ବିକ୍ଷୋଭ




ବୈପାରିଗୁଡ଼ା,୨୨।୫(ସମିସ): ବୈପାରୀଗୁଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ୧୪ ଦଫା ଦାବି ନେଇ ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା - ସହାୟିକା ସଂଘ ପକ୍ଷରୁ ବିକ୍ଷୋଭ କରାଯାଇଛି।ସଂଘ ତରଫରୁ ବିଇଓଙ୍କ ଅନୁପସ୍ଥିତିରେ ମୁଖ୍ୟ କିରାଣୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା - ସହାୟିକା ସଂଘର ଦାବି ଗୁଡିକ ମଧ୍ୟରୁ ପାଚିକା ସହାୟିକା ମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ, ସର୍ବନିମ୍ନ ମଜୁରୀ ମାସିକ ୨୬ ହଜାର ଟଙ୍କା ପ୍ରଦାନ, ମାସିକ ସର୍ବନିମ୍ନ ମଜୁରୀ ନଦେବା ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ଘୋଷିତ ଦୈନିକ ସର୍ବନିମ୍ନ ମଜୁରୀ ପ୍ରଦାନ, ପାଚିକା ସହାୟିକା ମାନଙ୍କୁ ଭବିଷ୍ୟନିଧି ପାଣ୍ଠି ଓ ଇଏସଆଇ ପ୍ରଦାନ, ବର୍ଷକୁ ୧୦ ମାସ ପରିବର୍ତ୍ତେ ୧୨ ମାସର ପାରିଶ୍ରମିକ ପ୍ରଦାନ, ମାସର ପ୍ରଥମ ସପ୍ତାହରେ ଦରମା ପ୍ରଦାନ, ଅବସର ପରେ ୧୦ ହଜାର ଟଙ୍କା ମାସିକ ପେନସନ ପ୍ରଦାନ, କାର୍ଯ୍ୟ ସମୟରେ ମୃତ୍ୟୁବରଣ କଲେ ମୃତ୍ୟୁ ସହାୟତା ରାଶି ୫ ଲକ୍ଷ ପ୍ରଦାନ, ମଧ୍ୟାହ୍ନ ଭୋଜନ କାମ ବ୍ୟତିତ ପାଚିକା ସହାୟିକା ମାନଙ୍କୁ ଅନ୍ୟ କାମରେ ନିୟୋଜିତ କରାନଯାଉ, ପାଚିକା/ସହାୟିକା ମାନଙ୍କୁ ବର୍ଷକୁ ଦୁଇ ହଳ ଶାଢ଼ୀ ପ୍ରଦାନ, ସରକାର ବନ୍ଦ କରିଥିବା ବିଦ୍ୟାଳୟ ଗୁଡିକ ପୁନର୍ବାର ଚାଲୁ କରି ପାଚିକା/ସହାୟିକା ମାନଙ୍କୁ ପୁନଃ ନିଯୁକ୍ତି ପ୍ରଦାନ, ମଧ୍ୟାହ୍ନ ଭୋଜନର ପ୍ରସ୍ତୁତିର ଘରୋଇକରଣ ବନ୍ଦ କରାଯାଉ, ପାଚିକା ଓ ସହାୟିକା ମାନଙ୍କୁ ପ୍ରସବ କାଳୀନ ଛୁଟି ଅନ୍ତତଃ ପକ୍ଷେ ୬ ମାସ କରାଯାଉ ଏବଂ ପାଚିକା ସହାୟିକା ମାନଙ୍କୁ ଗ୍ରୀଷ୍ମ କାଳୀନ ଛୁଟି ସମୟରେ ସ୍କୁଲ କାର୍ଯ୍ୟ କରାଇବା ବନ୍ଦ କରାଯାଉ ଭଳି ଦାବି ରହିଥିଲା କ୍ଷ ଦାବୀ ପତ୍ର ପ୍ରଦାନ ସମୟରେ ଏଆଇୟୁଟିୟୁସି ରାଜ୍ୟ କମିଟି ସଦସ୍ୟ ବିଜୟ ସାହୁ, ଜିଲ୍ଲା ସଭାପତି କାହ୍ନୁଚରଣ ବିଶ୍ୱାଳ, ଜିଲ୍ଲା ସଂପାଦକ ସୂର୍ଯ୍ୟ ବିଷୋୟୀ ପ୍ରମୁଖ ସମତ ଅନ୍ୟନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ

# ବ୍ଲକ କଂଗ୍ରେସର ମଶାଲ ଶୋଭାଯାତ୍ରା




ନବରଙ୍ଗପୁର,୨୨।୫(ସମିସ): ନବରଙ୍ଗପୁର ବ୍ଲକ୍ କଂଗ୍ରେସ ପକ୍ଷରୁ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୨୦୨୬ ଜନଗଣନା ପରେ ହେଉ, ସୀମା ନିର୍ଦ୍ଧାରଣ ଓ ମହିଳା ସଂରକ୍ଷଣ। ଏସସି, ଏସଟି, ପଛୁଆବର୍ଗ ଓ ସାଧାରଣ ବର୍ଗ ମହିଳାଙ୍କ ପାଇଁ ୩୩ ଶତକଡା ସଂରକ୍ଷଣ କରାଯାଉ। ବିଧାନସଭା, ବିଧାନ ପରିଷଦ ଓ ସାଂସଦ ଉଭୟ ଲୋକସଭା ଓ ରାଜ୍ୟସଭା ପାଇଁ ହେଉ ମହିଳା ସଂରକ୍ଷଣ। ଏହି ଦାବିରେ ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶରେ ନବରଙ୍ଗପୁର ବ୍ଲକ କଂଗ୍ରେସ କମିଟି ସଭାପତି ଅବଦୁଲ ଫିରୋଜ ଙ୍କ ନେତୃତ୍ୱରେ ନୂତନ ମଣ୍ଡେଇ ପଡିଆ ଠାରୁ ରାଜା ବେହେରା ଗୁଡା ସତିତ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଡ. ସଦାଶିବ ତ୍ରିପାଠୀଙ୍କ ବାସଭବନ ପର୍ଯ୍ୟନ୍ତ ଏହି ମଶାଲ ଶୋଭାଯାତ୍ରା ଯାଇଥିଲା। ଏହି ରାଲିରେ ପୂର୍ବତନ ବିଧାୟକ ଭୂଜବଳ ମାଝୀ, ପୂର୍ବତନ ବିଧାୟକ ସଦନ ନାୟକ,ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ଜିଲ୍ଲା କଂଗ୍ରେସ ସଭାପତି ଡ. ଲିପିକା ମାଝୀ, ପ୍ରଦେଶ କଂଗ୍ରେସ କମିଟି ସଂପାଦିକା ଅଧିବକ୍ତା ମନଷା ତ୍ରିପାଠୀ, ପିସିସି ପର୍ଯ୍ୟବେକ୍ଷକ ଶିବରାମ ରାଜୁ, ପିସିସି ସଭ୍ୟ ଦିଲ୍ଲିପ କୁମାର ବେହେରା, ଜିଲ୍ଲା କଂଗ୍ରେସ ପର୍ଯ୍ୟବେକ୍ଷକ ଅଖିଳ ଭତରା, ଡିସିସି ଉପସଭାପତି ହୁସନାବାନୋ, ଜିଲ୍ଲା କଂଗ୍ରେସ ଉପସଭାପତି ଦିବାକର ପୂଜାରୀ, ଜିଲ୍ଲା କଂଗ୍ରେସ ଉପସଭାପତି ପ୍ରଦୀପ କୁମାର ସାହୁ, ତେନ୍ତୁଳିଖୁଣ୍ଟି ବ୍ଲକ କଂଗ୍ରେସ ସଭାପତି ପ୍ରହ୍ଲାଦ ହିଆଲ, ନନ୍ଦାହାଣ୍ଡି ବ୍ଲକ କଂଗ୍ରେସ ସଭାପତି ବୃନ୍ଦାବନ ତ୍ରିପାଠୀ, ଡିସିସି ସଂନବରଙ୍ଗପୁର ଟାଉନ କଂଗ୍ରେସ ସଭାପତି ଗଣେଶ ପଟ୍ଟନାୟକ, ବରିଷ୍ଠ ନେତା କାଳି ପ୍ରସାଦ ପାତ୍ର, ଜିଲ୍ଲା କଂଗ୍ରେସ ମୂଖ୍ୟ ମୁଖପାତ୍ର ଦେବକାନ୍ତ ପଣ୍ଡା, ଡିସିସି ସଂପାଦକ ପ୍ରକାଶ ସାମନ୍ତରାୟ, ନନ୍ଦାହାଣ୍ଡି ବ୍ଲକ କଂଗ୍ରେସ ସାଧାରଣ ସମ୍ପାଦକ ରୁନା ଦାଶ ପ୍ରମୁଖ ଯୋଗଦେଇ ଥିଲେ।

## ଦଶମନ୍ତପୁର ଅଞ୍ଚଳରେ ଅବକାରୀ ଚଢ଼ଉ

ପୋଡ଼ାଗଡ଼,୨୨।୫(ସମିସ): ଲକ୍ଷ୍ମୀପୁର ଅବକାରୀ ବିଭାଗ ପକ୍ଷରୁ ଦଶମନ୍ତପୁର ଅଞ୍ଚଳରେ ଚଢ଼ଉ କରାଯାଇଛି। କୋରାପୁଟ ସଦର ଥାନା ଅଧିନସ୍ଥ ଗାଦିଆ ଗୁଡାଗାଁରେ ଚଢ଼ଉ କରି ବିପୁଳ ପରିମାଣରେ ଦେଶୀ ରନ୍ଧାମଦ ଜବତ ସହ ପୋଚ ନଷ୍ଟ କରିଥିବା ଦେଖା ଦେଇଛି। ଲକ୍ଷ୍ମୀପୁର ଅବକାରୀ ଥାନା ଅଧିକାରୀ କୁସ ଜାଲଙ୍କ ସୂଚନା ମୁତାବକ ଗାଦିଆ ଗୁଡାରେ ଦୀର୍ଘ ଦିନ ହେବ ଦେଶୀ ମଦ କାରବାର ଚାଲିଥିବା ବିଶେଷ ସୂତ୍ରରୁ ଜାଣିପାରି ଉକ୍ତ ଗ୍ରାମରେ ଚଢ଼ଉ କରାଯାଇ ଥିଲା। ୧୨୦ ଲିଟର ଦେଶୀ ମଦ ଜବତ ସହ ପାଖାପାଖି ୧୩୦୦ ଲିଟରରୁ ଅଧିକ ପୋଚ ନଷ୍ଟ କରିଥିବା କହିଛନ୍ତି। ଅନ୍ୟ ପକ୍ଷରେ ନନ୍ଦୀ ଗାଁ ଗ୍ରାମରେ ଚଢ଼ଉ କରି ପାଖାପାଖି ୧୫.୫ ଲିଟର ବିଅର ଜବତ ସହ ଶିବନନ୍ଦ ଖରା ନାମକ ବ୍ୟକ୍ତିଙ୍କୁ ଗିରଫ କରିଥିବା ବେଳେ ଓଡ଼ପୁର ଝିଲିକି ବେଢା ମଇନା ମାଳ ବିଭିନ୍ନ ଗାଁରେ ଚଢ଼ଉ କରିଥିବା କହିଛନ୍ତି।

● ଦାର୍ଲିପୁଟ ବାଲିଘାଟରେ ଆଡିବନ୍ଧକୁ ସ୍ୱାଗତ ଜଣାଇଲେ ଉପାଧ୍ୟକ୍ଷ

# ଆବାସ ହିତାଧିକାରୀଙ୍କୁ ବାଲି ଯୋଗାଇବାକୁ ଦାବି



ନନ୍ଦପୁର,୨୨।୫ (ସମିସ): ପାଡୁଆ ଠାରୁ ଦାର୍ଲିପୁଟ ପର୍ଯ୍ୟନ୍ତ ରହିଥିବା ବାଲି ଘାଟରୁ ହେଉଥିବା ବାଲି ଚୋରି ରୋକିବାକୁ ବିଭାଗ ପକ୍ଷରୁ ଗତ ମଙ୍ଗଳବାର ଖଣିଜ ସମ୍ପଦ ବିଭାଗ ସହ ନନ୍ଦପୁର ଅତିରିକ୍ତ ତହସିଲଦାର ମାଧବ ପାଙ୍ଗି ଘଟଣା ସ୍ଥଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିବା ସହ ନଦୀ ଘାଟରୁ ବାଲି ଚୋରି ରୋକିବାକୁ ଆଡି ବନ୍ଧ ନିର୍ମାଣ କରି ନଦୀ ଘାଟକୁ ଯିବାକୁ ସବୁ ରାସ୍ତା ବନ୍ଦ କରିଛନ୍ତି। ଏହି ଘଟଣା ନେଇ ବିଭାଗୀୟ ମନ୍ତ୍ରୀଙ୍କ ସୋସିଆଲ ମିଡ଼ିଆରେ ଫୋଷ୍ଟ ନେଇ ଭାଇରାଲ ହେଉଥିବା ବେଳେ ବାଲି ଚୋରି ରୋକିବାକୁ ବିଭାଗୀୟ ପଦକ୍ଷେପ ନେଇ ସ୍ୱାଗତ କରିଛନ୍ତି ନନ୍ଦପୁର ବ୍ଲକ ଉପାଧ୍ୟକ୍ଷ ଗୋପାଳ ହନ୍ତାଳ। ହେଲେ ନନ୍ଦପୁର ବ୍ଲକ୍‌ରେ ଚାଲୁଥିବା ଆବାସ ନିର୍ମାଣରେ ଯେପରି କୌଣସି ବାଧା ସୃଷ୍ଟି ନହୁଏ, ସେ ନେଇ ବିଭାଗୀୟ ଧ୍ୟାନ ଦେବାକୁ କହିବା ସହ ବିଭାଗୀୟ ଅଧିକାରୀ ମାନଙ୍କୁ ଯତ୍ନବାନ ହୋଇ ଆବାସ ନିର୍ମାଣକାରୀଙ୍କୁ ବାଲି ଯୋଗାଇବାରେ ସୁ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ସୂଚିତ ଯେ ନନ୍ଦପୁର ବ୍ଲକ୍‌ର ମୋଟ ୧୫ ଶହରୁ ଅଧିକ ଆବାସ ଗୃହ ନିର୍ମାଣ ଧୀନ ରହିଥିବା ବେଳେ ବାଲିଘାଟରେ ତାଲା ଝୁଲୁଥିବା ବେଳେ ଆବାସ ନିର୍ମାଣ ନେଇ ଆବଶ୍ୟକ ବାଲି ଆବାସ ହିତାଧିକାରୀ ଆଣିବେ କେଉଁଠୁ ବୋଲି କହୁଛନ୍ତି। ଆବାସ ହିତାଧିକାରୀଙ୍କୁ ଆବଶ୍ୟକ ବାଲି ସରକାର ବିନା ରୟାଲିଟିରେ ଯୋଗାଇ ଦେବା ପାଇଁ କୁହାଯାଉଥିବା ବେଳେ ସେପଟେ ବାଲି ଚୋରି ହେଉଥିବା ନେଇ ବିଭାଗ ନଦୀ ଘାଟ ମୁହାଣରେ ମେସିନ ସାହାଯ୍ୟରେ ଗାତ ଖୋଳି ଗାଡି ନଦୀ ମୁହାଣ ନ ଯିବା ପାଇଁ ବ୍ୟବସ୍ଥା କରିଥିବା ଦେଖିବାକୁ ମିଳିଛି। ବିଭାଗୀୟ ପଦକ୍ଷେପକୁ ନିଜେ ମନ୍ତ୍ରୀ ପ୍ରଶଂସା କରି ବାଲି ଚୋରା ଚାଲାଣ ରୋକିବାକୁ ଶୂନ୍ୟ ସହନଶୀଳତା ଅବଲମ୍ବନ କରାଯିବ ବୋଲ ବିଭାଗୀୟ ମନ୍ତ୍ରୀଙ୍କ ସୋସିଆଲ ମିଡ଼ିଆରେ ଫୋଷ୍ଟକୁ ନିଜେ ନନ୍ଦପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁର୍ଗା ପ୍ରସାଦ ଦୋରା ନିଜ ହ୍ୱାଟ୍‌ଓ ଆପ୍ ଷ୍ଟାଟସ୍‌ରେ ରଖିଛନ୍ତି। ନନ୍ଦପୁର ବ୍ଲକ ରେ ଚାଲିଥିବା ଆବାସ ନିର୍ମାଣ ସହ ଉନ୍ନୟନ ପ୍ରକଳ୍ପ ନିମନ୍ତେ ବାଲି ଯୋଗାଇବାକୁ ବିଭାଗୀୟ ଅଧିକାରୀ ଆଗାମୀ କି ପଦକ୍ଷେପ ନେଉଛନ୍ତି ତାହା ଦେଖିବା ଲୋକେ ଚାହିଁ ରହିଛନ୍ତି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ସୁନାବେଡ଼ା,୨୨।୫(ସମିସ): ସୁନାବେଡା-୩ ସ୍ଥିତ ଡିପି କ୍ୟାମ୍ପ କାଳୀ ମନ୍ଦିର ସମ୍ମୁଖରେ ଥିବା ଗଳିରେ ଜଣେ ଯୁବକଙ୍କର ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ଜଣଙ୍କ ନାମ ଅମିତ୍ କୁମାର ବିଶ୍ୱାସ (୨୩)। ବାସ ଭବନରେ ଏକ ପାଇପ୍‌ରେ ସେ ଆତ୍ମହତ୍ୟା କରିଛନ୍ତି। ଉକ୍ତ ଘରୁ ଦୁର୍ଗନ୍ଧ ବାହାରୁଥିବା ଯୋଗୁଁ ଆଖପାଖର ଲୋକେ ସ୍ଥାନୀୟ ସୁନାବେଡ଼ା ଥାନାରେ ଜଣାଇଥିଲେ। ସୁନାବେଡ଼ା ଥାନା ଅଧିକାରୀ ସୁଷମା କୁଅଁର ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହକୁ ଉଦ୍ଧାର କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଯୁବକଙ୍କ ଆତ୍ମହତ୍ୟାର କାରଣ ଜଣା ପଡ଼ିନାହିଁ। ସ୍ଥାନୀୟ ପୋଲିସ ତଦନ୍ତ କରୁଛି।

# ସପ୍ତମ ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତା




ରାୟଗଡ଼, ୨୨।୫(ସମିସ): ରାୟଗଡ଼ ସହର ସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଠାରେ ସପ୍ତମ ରାଜ୍ୟସ୍ତରୀୟ ଯୋଗାସନ ଚମ୍ପିୟନସିପ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ବେଦାନ୍ତ ଆଲୁମିନାର ସିଏସଆର ମୁଖ୍ୟ ହର୍ମିତ ନେହେରା, ଶିଝିମାଳି ବକ୍ସାଇଟ ବେଦାନ୍ତ ଉପସଭାପତି ପ୍ରତୀକ କୁମାର, ସହ ପ୍ରବନ୍ଧକ ନିଧି ପ୍ରଜାପତି, ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଖାଦ୍ୟ ଯୋଗାଣ ଅଧିକାରୀ ଜ୍ୟୋତି ପ୍ରକାଶ ସୋରେନ, ଜିଲ୍ଲା କ୍ରୀଡା ଅଧିକାରୀ ଶେଖ୍ ଅଲିନୁର, ସାଧାରଣ ସମ୍ପାଦକ ମନୋଜ କୁମାର ମୁଖାର୍ଜୀ ଉପସ୍ଥିତ ଥିଲେ। ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅତିଥି ମାନେ ଯୋଗାସନର ଉପକାରିତା ସମ୍ପର୍କରେ ଏବଂ ଯୋଗାସନ ଜନସଚେତନତା ସୃଷ୍ଟି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି ବୋଲି କହିଥିଲେ। ଏହି ଚମ୍ପିଅନସିପ ପ୍ରତିଯୋଗୀତାରେ ପ୍ରାୟ ୨୦ଟି ଜିଲ୍ଲାର ୧୫୦ରୁ ୨୦୦ଜଣ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଆସନ୍ତା ୨୬ ତାରିଖରେ ଏହି କାର୍ଯ୍ୟକ୍ରମର ସମାପନ ଉତ୍ସବ ବିଜୁ ପଟ୍ଟନାୟକ ଅଡ଼ିଟରୀୟମ ଠାରେ ହିଁ ଅନୁଷ୍ଠିତ ହେବ ବୋଲି ଆବାହକ ତଥା ସଭାପତି ନୃସିଂହ ବାହିନୀପତି ଜଣାଇବା ସହ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# କୃତି ଛାତ୍ରଛାତ୍ରୀଙ୍କୁ ଘଡ଼ାଇ ଶିକ୍ଷା ସଂସ୍ଥାର ସମ୍ବର୍ଦ୍ଧନା




ମାଲକାନଗିରି, ୨୨।୫ (ସମିସ): ମାଲକାନଗିରି ଜିଲ୍ଲା ସଦରରେ ଥିବା ଘଡ଼ାଇ ଶିକ୍ଷା ସଂସ୍ଥାନ ଠାରେ ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟର କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କଲେଜ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଶିକ୍ଷାଧିକାରୀ ଭାଗିରଥି ବେହେରା ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ଡ଼ଃ. ରଞ୍ଜନ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ମାଲକାନଗିରିର ସଭାପତି ରବୀନ୍ଦ୍ର କୁମାର ମହାରଣା ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଘଡ଼ାଇ ଶିକ୍ଷା ସଂସ୍ଥାନର ପରିଚାଳନା ନିର୍ଦ୍ଦେଶକ ଡ. ସୁରେଶ ଚନ୍ଦ୍ର ଘଡ଼ାଇ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଯୁକ୍ତ ଦୁଇ ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟବ୍ରତ ସାମଲ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ କଲେଜର ପରୀକ୍ଷାର୍ଥୀମାନଙ୍କର ମାଟ୍ରିକ୍ ପାସ୍ ସମୟର ମାର୍କ ହାର ଓ ବର୍ତ୍ତମାନର ପାସ୍ ହାରର ଏକ ତୁଳନାନକ ଚିତ୍ର ସ୍ମାର୍ଟବୋଡର୍ ମାଧମରେ ଉପସ୍ଥାପନ କରିଥିଲେ। ମଞ୍ଚାସୀନ ଅତିଥିମାନେ ସମଗ୍ର ରାଜ୍ୟରେ ମାଲକାନଗିରି ଜିଲ୍ଲା ୧୭ତମ ସ୍ଥାନରେ ରହି ଅନେକ ଉପକୂଳବର୍ତ୍ତୀ ଜିଲ୍ଲାକୁ ପଛରେ ପକାଇ ଯୁକ୍ତଦୁଇ ପାସ୍‌ହାର ବୃଦ୍ଧି ଓ ଗୁଣାତ୍ମକ ଶିକ୍ଷା ଦୃଷ୍ଟିରୁ ଘଡ଼ାଇ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଥିଲେ। ଏହି ଅନୁଷ୍ଠାନର ମୋଟ୍ ୨୧୬ ପରୀକ୍ଷା ଦେଇଥିବା ଛାତ୍ର ଛାତ୍ରୀଙ୍କ ମଧ୍ୟରୁ ୯ ଜଣ ୯୦ ପ୍ରତିଶତରୁ ଅଧିକ, ୧୯ ଜଣ ୮୫ ପ୍ରତିଶତରୁ ଅଧିକ ଓ ୩୬ ଜଣ ୮୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ବେଳେ ୧୬୨ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜିଲ୍ଲାର ଅନ୍ୟ ମହାବିଦ୍ୟାଳୟ ତୁଳନାରେ ଘଡ଼ାଇ ଆବାସିକ ମହାବିଦ୍ୟାଳୟର ଉତ୍କର୍ଷତାର ସର୍ବାଗ୍ରେ ଥିବାରୁ ଓ ୮୦ରୁ ୯୦ ପ୍ରତିଶତ ନମ୍ବର ରଖିଥିବା ସମସ୍ତ ଛାତ୍ରଛାତ୍ରୀ ବିଗତ ମାଟ୍ରିକ୍ ପରୀକ୍ଷାର ମୋଟ ମାର୍କ ତୁଳନାରେ ଯୁକ୍ତ ଦୁଇ ପରୀକ୍ଷାରେ ସମସ୍ତ ଛାତ୍ରଛାତ୍ରୀ ଅଧିକ ପ୍ରତିଶତ ମାର୍କ ରଖିଥିବାରୁ ଉପସ୍ଥିତ ଅଭିଭାବକ ମାନେ କଲେଜର ସଫଳତାରେ ସନ୍ତୋଷ ପ୍ରକାଶ କରିଥିଲେ। ନିଜସ୍ୱ ଓ ଅତ୍ୟାଧୁନିକ ଶ୍ରେଣୀଗୃହ, ସ୍ମାର୍ଟକ୍ଲାସ, ଇ-ଲାଇବ୍ରେରୀ, ଅତ୍ୟାଧୁନିକ କମ୍ପ୍ୟୁଟର ଲ୍ୟାବ, ବିଜ୍ଞାନାଗାର, ଶିକ୍ଷଣ ସାମଗ୍ରୀ, ଟ୍ୟୁଟୋରିଆଲ କ୍ଲାସ ଓ ପ୍ରଶିକ୍ଷିତ ଅନୁଭବୀ ଅଧ୍ୟାପକ ଅଧ୍ୟାପିକାଙ୍କ ଚେଷ୍ଟା, ପରିଶ୍ରମ ଓ ପ୍ରେରଣା ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ଜିଲ୍ଲାରେ ସର୍ବୋଚ୍ଚ ୫୮୨ ନମ୍ବର ରଖିଥିବା ଛାତ୍ର କୃଷ୍ଣ କେଶବ ପରିଡ଼ା ଓ ୫୮୧ ନମ୍ବର ରଖିଥିବା ନବକୁମାର ସର୍ଦ୍ଦାର ମତବ୍ୟକ୍ତ କରିଥିଲେ। ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ସମସ୍ତ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ ସହ ଉପହାର ଫଳକ ପ୍ରଦାନ କର ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଅଧ୍ୟକ୍ଷ ସତ୍ୟବ୍ରତ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ତାମିଲନାଡୁ ଚାଲାଣ ବେଳେ ୩ ନାବାଳିକା ଉଦ୍ଧାର, ଦୁଇ ଗିରଫ

ଉମରକୋଟ,୨୨।୫ (ସମିସ): ୩ ନାବାଳିକା କୁ ତାମିଲନାଡୁ ଚାଲାଣ ବେଳେ ଉମରକୋଟ ପୋଲିସ ସେମାନଙ୍କୁ ଉଦ୍ଧାର କରିବା ସହ ଦୁଇଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଡାବୁଗାଁ ଥାନା ଅର୍ନ୍ତଗତ ଏକମ୍ବା ଗ୍ରାମ ର ତୁଳସୀ ରାମ ପନକା ୨୩ ଓ ତାମିଲନାଡୁ ଇରୋଡ ଜିଲ୍ଲାର ଏମ୍ ସୁରେଶ ୪୩ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁଯାୟୀ ଗୁରୁବାର ସକାଳ ୫, ୩୦ ସମୟରେ ଏଏସ ଆଇପିଏଲ ସୁନାନୀଙ୍କ ନେତୃତ୍ୱରେ ଉମରକୋଟ ପୋଲିସ ସିଉନାଗୁଡା ଛକ ନିକଟରେ ପାଟ୍ରୋଲିଙ୍ଗ କରୁଥିବା ବେଳେ ନାବାଳିକା ଚାଲାଣ ହେଉଥିବା ସୂଚନା ପାଇଥିଲେ। ପୋଲିସ ଏକ କାରକୁ ଅଟକାଇ ଯାଞ୍ଚ କରିଥିଲା। କାର ଭିତରୁ ତିନିଜଣ ନାବାଳିକାଙ୍କୁ ଉଦ୍ଧାର କରାଯାଇଥିଲା। ବିଭିନ୍ନ କାରଖାନା ଓ ବିପଜ୍ଜନକ କାମରେ ନିଯୁକ୍ତ କରାଇବା ପାଇଁ ପ୍ରଲୋଭନ ଦେଖାଇ ଉକ୍ତ ନାବାଳିକାଙ୍କୁ ତାମିଲନାଡୁର ତ୍ରିପୁରା ଅଞ୍ଚଳକୁ ନେଉଥିଲେ। ଏହି ଘଟଣା ଉମରକୋଟ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଘଟଣା ସ୍ଥଳରୁ ଦୁଇଟି ମୋବାଇଲ ଫୋନ ଓ କାର ଜବତ କରିଛି। ଡାକ୍ତରୀ ପରୀକ୍ଷା ପରେ ଉଦ୍ଧାର ହୋଇଥିବା ନାବାଳିକାଙ୍କୁ ସେମାନଙ୍କ ଅଭିଭାବକଙ୍କୁ ହସ୍ତାନ୍ତର କରାଯାଇଛି।

# ଏନ୍‌ସିସି କ୍ୟାମ୍ପ୍‌ରେ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ



ଜୟପୁର, ୨୨।୫(ସମିସ) : କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ଏନ୍‌ସିସିର ୧୫ ଓଡ଼ିଶା ବ୍ୟାଟାଲିୟନ ପକ୍ଷରୁ ସ୍ଥାନୀୟ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହେଉଥିବା ଏନସିସି ଛାତ୍ରଛାତ୍ରୀଙ୍କୁ ନେଇ ଏ.ଟି.ସି. କ୍ୟାମ୍ପ୍‌ରେ ଆଜି ସୀମା ସୁରକ୍ଷା ବାହିନୀ ( ବିଏସ୍‌ଏଫ୍) ପକ୍ଷରୁ କୋରାପୁଟ କ୍ୟାମ୍ପ୍ କାର୍ଯ୍ୟାଳୟ ପକ୍ଷରୁ ଦେଶର ସୁରକ୍ଷା ପାଇଁ ବ୍ୟବହୃତ ହେଉଥିବା ଅସ୍ତ୍ରଶସ୍ତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଏସ୍‌ଏଫ୍‌ର ଡେପୁଟି କମାଣ୍ଡାଣ୍ଟଙ୍କ ନେତୃତ୍ୱରେ ଅଧିକାରୀ ଓ ଜବାନମାନେ ଯୋଗଦେଇ ଏନସିସି କ୍ୟାଡେଟମାନଙ୍କୁ ସୁରକ୍ଷା ବାହିନୀର କାର୍ଯ୍ୟ ପ୍ରଣାଳୀ ଓ ବିଭିନ୍ନ ସୁରକ୍ଷା ସାମଗ୍ରୀ ସମ୍ପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଦେଶର ସୀମା ସୁରକ୍ଷାରେ ବିଏସ୍‌ଏଫ୍‌ର ଭୂମିକା, ଶୃଙ୍ଖଳା, ସାହସ ଓ ଜାତିସେବାର ମହତ୍ତ୍ୱ ବିଷୟରେ କ୍ୟାଡେଟମାନଙ୍କୁ ବୁଝାଇବା ସହିତ ଦେଶର ପ୍ରତିରକ୍ଷା ଓ ଅର୍ଦ୍ଧ ସାମରିକ ବାହିନୀରେ ସାମିଲ ହେବା ନେଇ ସଚେତନ କରାଯାଇଥିଲା। ସୁରକ୍ଷା ଓ ସଚେତନତା ଉପରେ ଆଧାରିତ ଏହି ପ୍ରଦର୍ଶନୀ କ୍ୟାଡେଟମାନଙ୍କ ମନରେ ଦେଶପ୍ରେମ ଓ ସୁରକ୍ଷା ବାହିନୀ ପ୍ରତି ସମ୍ମାନବୋଧ ବୃଦ୍ଧି କରିଥିଲା। ଏହି ଅବସରରେ ଏନ୍‌ସିସି ଅଧିକାରୀ, ଏଏନ୍‌ଓ., ପିଆଇ ଷ୍ଟାଫ୍ ଓ ବହୁ ସଂଖ୍ୟକ କ୍ୟାଡେଟ୍ ଉପସ୍ଥିତ ଥିଲେ।

## ଲୁଲ୍ଲାରୁ ପଦୁଗୁଡ଼ା ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ଦାବି

କୋରାପୁଟ ,୨୨।୫(ସମିସ): ଆଜି ଦଶମନ୍ତପୁରର ଜିଲ୍ଲା ପରିଷଦ ଜୋନ୍ ୨ ସଭ୍ୟ ଧନପତି ମୁଦୁଲି ଲୁଲ୍ଲାରୁ ପଦୁଗୁଡ଼ା ପର୍ଯ୍ୟନ୍ତ ଉପଯୁକ୍ତ ରାସ୍ତା ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେହି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ଲୁଲା ଠାରୁ ପଦୁଗୁଡା ଅଞ୍ଚଳରେ ରାସ୍ତା ଠିକ୍ ନଥିବାରୁ ଲୋକେ ଅନେକ ସମସ୍ୟା ଏବଂ କଷ୍ଟର ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତାଟି ଦୁଇଚକିଆ ଯାନବାହାନ ଯାତାୟାତରେ ବହୁ ଅସୁବିଧା ହେଉଛି ଏବଂ ଛାତ୍ରଛାତ୍ରୀ, ଗୁରୁତର ରୋଗୀ ଏବଂ ଗର୍ଭବତୀ ମହିଳାଙ୍କୁ ନେବା ସମୟରେ ବହୁ ଅସୁବିଧା ହେଉଛି। ବିଶେଷକରି ବର୍ଷା ଋତୁରେ ସର୍ବାଧିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏଣୁ ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଲୁଲ୍ଲାରୁ ପଦୁଗୁଡ଼ା ପର୍ଯ୍ୟନ୍ତ ସିସି ରାସ୍ତା କିମ୍ବା ପିଚୁ ରାସ୍ତା ପ୍ରଦାନ, ପିଏମ୍‌ଏସୱାଇ ଅଧୀନରେ କିମ୍ବା ଆରଡି ଅନୁଦାନରୁ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟ କରାଯାଉ ବୋଲି ସେ ଅନୁରୋଧ କରିଛନ୍ତି।



# ଦୁଇ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ପଦନ୍ନୋତି



ନବରଙ୍ଗପୁର,୨୨।୫(ସମିସ): ଜିଲ୍ଲା ଶିକ୍ଷା ଓ ଶିକ୍ଷା ନିରୀକ୍ଷକ ସଂଘର ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟାପକ ଓ ଅଧ୍ୟକ୍ଷ ମାନଙ୍କ ପକ୍ଷରୁ ଜିଲ୍ଲା ମଙ୍ଗଳ ଅଧିକାରୀ ପାଲାକା ରବୀନ୍ଦ୍ର ଏବଂ ଜିଲ୍ଲା ଆଦିବାସୀ ଉନ୍ନୟନ ବିଭାଗ ପ୍ରକଳ୍ପ ପ୍ରଶାସକ ରାଜୀବ କୁମାର ସାହୁଙ୍କ ପଦନ୍ନୋତି ହୋଇଥିବା ଉଭୟଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଏହି ଅବସରରେ ଜିଲ୍ଲା ସଂଘ ପକ୍ଷରୁ କାର୍ଯ୍ୟକାରୀ ସମ୍ପାଦକ ସତ୍ୟ ନାରାୟଣ ପାତ୍ର, ମିଡିଆ ସଂଯୋଜକ ମନୋଜ କୁମାର ପଟ୍ଟନାୟକ, କୋଷାଧ୍ୟକ୍ଷ ଶୁଭେନ୍ଦୁ ବେହେରା, ପ୍ରଧାନ ଶିକ୍ଷକ ହୃଷୀକେଶ ମିଶ୍ର, ପଙ୍କଜ ଚୌଧରୀ, ପ୍ରଫୁଲ୍ଲ ସାହୁ, ପ୍ରଶାନ୍ତ ଜେନା, ଅଜୟ ପାଣିଗ୍ରାହୀ, ଫ୍ରାନ୍ସିସ୍ ନାଗ , ସଂଘର ସମ୍ପାଦକ ବିଶ୍ୱଜିତ୍ ମହାରଣା, ଅଧ୍ୟାପକ ସନ୍ତୋଷ ଷଡ଼ଙ୍ଗୀ, ତ୍ରିପତି ମାଳି ସମେତ ସଂଘର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଯେ ଓଡ଼ିଶା ସରକାରଙ୍କ ଚିଠି ସଂଖ୍ୟା ୧୧୬୨୨ ଅନୁଯାୟୀ ଶ୍ରୀ ପାଲକା ଜିଲ୍ଲା ମଙ୍ଗଳ ଅଧିକାରୀ ଠାରୁ ପଦୋନ୍ନତି ପାଇ ଡେପୁଟି ଡାଇରେକ୍ଟର ହୋଇଥିବା ବେଳେ ଚିଠି ସଂଖ୍ୟା ୧୧୬୧୦ ଅନୁଯାୟୀ ନବରଙ୍ଗପୁର ଜିଲ୍ଲା ଆଦିବାସୀ ଉନ୍ନୟନ ସଂସ୍ଥା ର ପ୍ରକଳ୍ପ ପ୍ରଶାସକ ଶ୍ରୀ ସାହୁ ଓଡ଼ିଶା ସରକାର ର ଆଦିବାସୀ ଉନ୍ନୟନ ବିଭାଗ ର ଏଡିସନାଲ ଡାଇରେ୍କଟର ପଦବୀ ରେ ପଦନ୍ନୋତି ପାଇଛନ୍ତି। ।

# ‘କୃତି ଛାତ୍ରଛାତ୍ରୀ ଅନ୍ୟମାନଙ୍କ ପାଇଁ ପ୍ରେରଣା’



ନବରଙ୍ଗପୁର,୨୨।୫(ସମିସ) : ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା ଦ୍ୱାରା ଆୟୋଜିତ ଯୁକ୍ତ ଦୁଇ ବିଜ୍ଞାନ, କଳା ଓ ବାଣିଜ୍ୟ ବାର୍ଷିକ ପରୀକ୍ଷା ୨୦୨୬ ରେ ଜିଲ୍ଲାରେ ସର୍ବୋଚ୍ଚ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଆଜି ସ୍ଥାନୀୟ ଅଶୋକ ମେହେଟା ସମ୍ମିଳନୀ ଗୃହରେ ଜିଲ୍ଲପାଳ ଡ ମହେଶ୍ୱର ସ୍ୱାଇଁ ସମ୍ବର୍ଦ୍ଧିତ କରିଛନ୍ତି। ଜିଲ୍ଲାରେ ଯୁକ୍ତ ଦୁଇ ବିଜ୍ଞାନରେ କୋଷାଗୁମୁଡା ବ୍ଲକ୍ ଅନ୍ତର୍ଗତ କର୍ଚାମାଲ ଏସଏସଡି ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ସମୀକ୍ଷା ରାଣୀ ମାଳି ମୋଟ ୫୬୮ ମାର୍କ ସହ ୯୮ପ୍ରତିଶତ ,କଳା ବିଭାଗରେ ଚନ୍ଦାହାଣ୍ଡି ବ୍ଲକ ର ପାନାବେଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦି?ୟାଙ୍ଗ ଛାତ୍ର ଟିକେଶ ସାହୁ ମୋଟ ୫୩୫ ମାର୍କ ସହ ୮୯.୧୬ ପ୍ରତିଶତ ଏବଂବାଣିଜ୍ୟ ବିଭାଗରେ ଧୋଡ଼ିପାଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ରାଜେଶ ନାଗ ୫୪୮ ମାର୍କ ସହ ୯୧.୩୩ ପ୍ରତିଶତ ରଖି ଜିଲ୍ଲାର ଗୌରବ ଆଣିଛନ୍ତି। ଏହି ଅବସରରେ ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ତାଙ୍କର ଉଜ୍ୱଳ ଭବିଷ୍ୟତ କାମନା କରି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ଅଟନ୍ତି ବୋଲି କହିଥିଲେ ଉପସ୍ଥିତ ଜିଲ୍ଲାପାଳ, ଡି ଇ ଓ ଏବଂ ଡିଡବ୍ଲୁଓ । ଜିଲ୍ଲା ତଥା ରାଜ୍ୟରେ ନିଜର ସୁନାମ ସହ ଜିଲ୍ଲାର ଗୌରବ ଆଣିଥିବାରୁ ସମସ୍ତ ବିଭାଗୀୟ ଅଧିକାରୀ ଛାତ୍ର ଛାତ୍ରୀଙ୍କୁ ସାଧୁବାଦ ଓ ସ୍ୱାଗତ ଜଣାଇଥିଲେ। ଛାତ୍ରଛାତ୍ରୀଙ୍କୁ ଜିଲ୍ଲାପାଳ ପ୍ରଶଂସା ପତ୍ର, ଉପଢ଼ୌକନ ଓ ମୋମେଣ୍ଟୋ ଦେଇ ସମ୍ବର୍ଦ୍ଧନା କରିଥିଲେ। ସମ୍ବର୍ଦ୍ଧନା ସଭାରେ ପିଏ, ଆଇଟିଡି ରାଜୀବ ସାହୁ,ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପା, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଭାରତ ଚନ୍ଦ୍ର ସାହୁ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ନିବେଦିତା ବିଶ୍ୱାଳଙ୍କ ସମେତ କୃତି ଛାତ୍ରଛାତ୍ରୀଙ୍କ ପିତା ମାତା, ସମ୍ପୃକ୍ତ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ସମ୍ବର୍ଦ୍ଧନା ସଭାର ଆୟୋଜନ ସହ ପରିଚାଳନା କରିଥିଲେ।

